ଧରିତ୍ରୀ
DHARITRI

August 11-17, 2019 ₹ 2/-

# ଛୁଟିଦିନ



# ଗାନ୍ଧିଜୀଙ୍କୁ ଭେଟି

୩ ପ୍ରଚ୍ଛଦ ପ୍ରସଙ୍ଗ

ବ୍ରିଟିଶ ଶାସନ କବଳରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ । ଯେଉଁଥିପାଇଁ ସେ ସାରା ଦେଶର କୋଣଅନୁକୋଣରେ ବୁଲି ଲୋକଙ୍କୁ ଏକଜୁଟ୍ କରୁଥିଲେ । ଏହି ସମୟରେ ଲୋକମାନେ ଶ୍ରଦ୍ଧାରେ ତାଙ୍କୁ ବିଭିନ୍ନ ଭେଟି ଦେଉଥିଲେ। ସେମିତି ଗାନ୍ଧିଜୀ ଓଡ଼ିଶା ଆସିବା ସମୟରେ ବି ତାଙ୍କୁ ମିଳିଥିଲା ଅନେକ ଶ୍ରଦ୍ଧାର ଭେଟି । ସେ ସମ୍ପର୍କରେ...

ଟ୍ରାଇକଲର ରାଖୀ ୫



୮/୯ ସିନେମା



# ପୁସ୍ତକାଳୟର ଗାଁ




ମହାରାଷ୍ଟ୍ରର ଭିଲାରଠାରେ ରହିଛି ଏକ ଛୋଟ ଗାଁ, ଯାହା ଗତ କିଛି ବର୍ଷ ହେବ ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି । କାରଣ ଏହି ଗାଁର ପ୍ରତ୍ୟେକ ଘରେ ରହିଛି ପୁସ୍ତକାଳୟ ବା ଲାଇବ୍ରେରୀ । ଏହି ଗାଁ 'ପୁସ୍ତକାଚେ ଗାଓଁ' ବା 'ବୁକ୍ ଭିଲେଜ' ଭାବେ ବେଶ୍ ପରିଚୟ ଲାଭ କରିଛି । ଏଠାରେ ବହିଗୁଡିକୁ ବିଭିନ୍ନ ଶ୍ରେଣୀଭୁକ୍ତ କରାଯାଇ ଗାଁର ୩୦ଟି ଘରେ ଅତି ଯତ୍ନର ସହ ସଜାଡି ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବିନା ମୂଲ୍ୟରେ ବିଭିନ୍ନ ପୁସ୍ତକ ଯଥା ଧର୍ମ, ସାହିତ୍ୟ, ପରିବେଶ, ଇତିହାସ, ଜୀବନୀ, ଆତ୍ମଜୀବନୀ, ଶିଶୁ ପତ୍ରିକା ଆଦି ବହି ପଢିବାର ସୁଯୋଗ ପାଇଥାନ୍ତି। ଆଜିର ଡିଜିଟାଲ ଯୁଗରେ ଲୋକେ ମୋବାଇଲ ଫୋନ୍ ଯୋଗେ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ବେଳେ ଏହି ପୁସ୍ତକାଳୟ ଗାଁ ପର୍ଯ୍ୟଟକଙ୍କୁ ବିନା ମୂଲ୍ୟରେ ପଢିବାର ସୁଯୋଗ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନିକଟରେ ମହାରାଷ୍ଟ୍ର ସରକାର ଏହି ଗାଁକୁ ଭାରତର ପ୍ରଥମ ପୁସ୍ତକାଳୟ ଗାଁର ମାନ୍ୟତା ପ୍ରଦାନ କରିଛନ୍ତି ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୧-୧୭

**ମେଷ**: ସ୍ଥଗିତ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ସଭାସମିତିରେ ଦୃଢ ନିଷ୍ପତ୍ତି, ମାନସିକ ସୁସ୍ଥତା, ଶତ୍ରୁ ଉପଦ୍ରବ କମିବ, ପାରିବାରିକ ଟେନ୍‌ସନ ବଢ଼ିବ, ପଡୋଶୀଙ୍କ ଦୋଷାରୋପ, ଯାତ୍ରାରେ ଦ୍ୱନ୍ଦ୍ୱ, ଯାନବାହନରେ ଉନ୍ନତି, ସନ୍ତାନବର୍ଗରେ ପୀଡା ।

**ବୃଷ**: ଶାରୀରିକ ସୁସ୍ଥତା, ସହକର୍ମୀଙ୍କ ସହଯୋଗ, ସ୍ଥଗିତ କାମରୁ ଦୁଶ୍ଚିନ୍ତା, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ବ୍ୟବସାୟରେ ଉନ୍ନତି, ସରକାରୀ ସ୍ତରରୁ ପ୍ରଶଂସା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ଋଣ ପରିଶୋଧ, ବିଦେଶ ଯାତ୍ରାର ସୁଯୋଗ, ଧର୍ମ କାର୍ଯ୍ୟ ।

**ମିଥୁନ**: ସ୍ଥିର ସିଦ୍ଧାନ୍ତ ନେବେ, ସଭାସମିତିକୁ ନିମନ୍ତ୍ରଣ, ସାହାଯ୍ୟ ସହଯୋଗ ମିଳିବ, ବନ୍ଧୁଙ୍କ ପ୍ରତିଶ୍ରୁତି, ଶ୍ରମହେତୁକ କ୍ଳାନ୍ତି, ପାରିବାରିକ ସୌହାର୍ଦ୍ଦ୍ୟ, ବ୍ୟବସାୟରେ ଝଗଡା, ଉଚ୍ଚସମ୍ମାନ ପାଇବେ ।

**କର୍କଟ**: ଅନ୍ୟମନସ୍କତାରୁ ସମସ୍ୟା, ସୁସ୍ଥତା ଫେରି ଆସିବ, ପରିବାରର ଖର୍ଚ୍ଚବୃଦ୍ଧି, ପୁରାତନ ରୋଗରୁ ପୀଡା, ଶୁଭ ଖବର ପାଇବେ । ସହକର୍ମୀଙ୍କ ସହଯୋଗ ପାଇବେ, ଗବେଷଣାରେ ଉନ୍ନତି, ଶିଳ୍ପ, ବାଣିଜ୍ୟରେ ଲାଭ ।

**ସିଂହ**: ନୂତନ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସନ୍ଦେହ, ନିଷ୍ପତ୍ତିରେ ତ୍ରୁଟି, ପଦସ୍ଥବ୍ୟକ୍ତିଙ୍କ ପ୍ରଶଂସା, ନୂତନ ବନ୍ଧୁ ସମ୍ପର୍କ, ସାହିତ୍ୟ, ସଂସ୍କୃତିରେ ଅନୁରାଗ, କଳା, କୌଶଳର ପ୍ରଦର୍ଶନ, ଅର୍ଥସଙ୍କଟ ଦୂରହେବ ।

**କନ୍ୟା**: ଦୂରଦର୍ଶିତାରୁ ପ୍ରଶଂସା, ଗଠନମୂଳକ କାର୍ଯ୍ୟାରମ୍ଭ, ଯାତ୍ରାରେ ସଫଳତା, ଟେନସନ୍ ବଢିବ । ବ୍ୟବସାୟରେ ଉନ୍ନତି, ଧର୍ମକାର୍ଯ୍ୟ କରିବେ, କଳା, ସଙ୍ଗୀତରୁ ପ୍ରଶଂସା ।

**ତୁଳା**: ପାରିବାରିକ ଜଞ୍ଜାଳ ବୃଦ୍ଧି, ସମସ୍ୟା ସୁଧୁରିଯିବ, ଆରୋଗ୍ୟ ଲାଭ, ପଡୋଶୀଙ୍କ ସହାନୁଭୂତି। ପାରିବାରିକ ମତାନ୍ତର, କୃତିତ୍ୱରୁ ପ୍ରଶଂସା, ଜମିଜମା ବିବାଦ, ବ୍ୟବସାୟିକ ସଫଳତା, ସାମ୍ବାଦିକତାରୁ ପ୍ରଶଂସା, ମିତ୍ରଲାଭ ।

**ବିଛା**: କାର୍ଯ୍ୟହାନି, ବ୍ୟୟବୃଦ୍ଧି, ଘରୋଇ କଳହ, ସହକର୍ମୀଙ୍କ ପ୍ରତାରଣା, ନିର୍ମାଣ କାର୍ଯ୍ୟରେ ବାଧା, ଅପ୍ରିୟ ସତ୍ୟରୁ ମନାନ୍ତର, ଲୋକପ୍ରିୟତା ବୃଦ୍ଧି, ପ୍ରଶାସନିକ ତତ୍ପରତା, ପୀଡା ଉପଶମ ହେବ, ଯାନ୍ତ୍ରିକ ତ୍ରୁଟିକୁ ସଜାଡିବେ, ସନ୍ତାନ ହେତୁକ ଗୌରବ ।

**ଧନୁ**: ମାନସିକ ସୁସ୍ଥତା, ଶୁଭ ଖବର ପାଇବେ, ନୂତନ ସମ୍ପର୍କ ବୃଦ୍ଧି, ପଡୋଶୀଙ୍କ ଅପପ୍ରଚାର, ଅତିଥି ସେବାରୁ ଆତ୍ମତୃପ୍ତି, ଯାନବାହନ କ୍ରୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ସନ୍ତାନ କୃତିତ୍ୱରୁ ଗୌରବ, ସଭାସମିତିକୁ ନିମନ୍ତ୍ରଣ, କଳାପ୍ରିୟ ହେବେ ।

**ମକର**: ଟେନ୍‌ସନ କମିବ, ବନ୍ଧୁଙ୍କ ସାହାଯ୍ୟ, ଆକସ୍ମିକ ଯାତ୍ରା, ନୂତନ ବସ୍ତ୍ରଭୂଷଣ ଲାଭ, ଭୁଲ୍‌ବୁଝାମଣାରୁ କଳହ, ବିଦେଶ ଯାତ୍ରାର ସୁଯୋଗ, ଅପବ୍ୟୟରୁ ଦୁଶ୍ଚିନ୍ତା, ପୈତୃକ ସମ୍ପତ୍ତି ବିବାଦ। ମାଲିମକଦ୍ଦମାରୁ ଫାଇଦା, ଋଣ ପରିଶୋଧ ।

**କୁମ୍ଭ**: ଅବହେଳାରୁ କୈଫିୟତ, ମନସ୍ତାପ, ରୋଜଗାର ବୃଦ୍ଧି, ନୂତନ ସ୍ଥାନ ଭ୍ରମଣ ସୁଯୋଗ, ଶାରୀରିକ କ୍ଳାନ୍ତି, ପୁରାତନ ରୋଗରେ ପୀଡା, କଳହର ସମାଧାନ, କର୍ମଜଞ୍ଜାଳ ବୃଦ୍ଧି, ପରୋକ୍ଷ ଶତ୍ରୁତା, ସ୍ତ୍ରୀଙ୍କ ସହ ମତାନ୍ତର, ଆନୁଷ୍ଠାନିକ କାମରେ ସମସ୍ୟା ।

**ମୀନ**: ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ଉପଢୌକନ ପାଇପାରନ୍ତି , ସ୍ୱଜନ ଶତ୍ରୁତା, ମାନସିକ ଶାନ୍ତି, ଅର୍ଥ ସମ୍ପଦ ପ୍ରାପ୍ତି, କ୍ରୀଡାରେ ସଫଳତା, ନୂତନ ଯୋଜନାରେ ଅଗ୍ରଗତି, ଦ୍ୱନ୍ଦ୍ୱର ଅବସାନ, ସାମାଜିକ କାର୍ଯ୍ୟରେ ମନ ।

# ରାଶି ଅନୁଯାୟୀ ପେଟ୍

(ପୂର୍ବଥରର ଅବଶିଷ୍ଟାଂଶ..)

ଘରେ ଗୃହପାଳିତ ଜୀବ ଥିଲେ ସେମାନଙ୍କ ସହ ସମୟ ବିତେଇବା ଦ୍ୱାରା ଅବସାଦ ଦୂର ହୋଇଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି । ତେବେ ରାଶି ଅନୁଯାୟୀ ଗୃହପାଳିତ ଜୀବ ରଖିବା ଦ୍ୱାରା ଏହାର ପ୍ରଭାବ ଆମ ଜୀବନ ଉପରେ ମଧ୍ୟ ପଡିଥାଏ। ଜାଣନ୍ତୁ ସେ ସମ୍ପର୍କରେ...



* ପ୍ରାକୃତିକ ତଥା ସୁନ୍ଦର ବାତାବରଣ ମଧ୍ୟରେ ରହିବାକୁ ପସନ୍ଦ କରୁଥିବା ତୁଳା ରାଶିର ବ୍ୟକ୍ତିମାନେ ପର୍ଶିଆନ୍ ବିଲେଇକୁ ପୋଷା ଭାବେ ରଖିବା ଭଲ।
* ସାଧାରଣତଃ ଚଞ୍ଚଳ ସ୍ୱଭାବର ହୋଇଥିବା ବିଛା ରାଶି ବ୍ୟକ୍ତିଙ୍କ ଲାଗି ବିଲେଇ ଏକ ଉତ୍ତମ ଗୃହପାଳିତ ଜୀବ।
* ସ୍ୱତନ୍ତ୍ରତା, ଆତ୍ମନିର୍ଭରଶୀଳ ତଥା ଆଶାବାଦୀ ସ୍ୱଭାବର ଧନୁରାଶିର ବ୍ୟକ୍ତିମାନେ କଇଁଛ କିମ୍ବା ମାଛକୁ ପୋଷା ଜୀବ ଭାବେ ରଖିପାରିବେ।
* ନିଜର ପରିଶ୍ରମ ଲାଗି ପରିଚୟ ଲାଭ କରୁଥିବା ମକର ରାଶି ବ୍ୟକ୍ତିଙ୍କ ଲାଗି କୁକୁର ଏକ ଉତ୍ତମ ଗୃହପାଳିତ ଜୀବ।
* ନିଜ ଜୀବନରେ ଅନ୍ୟମାନଙ୍କ ଦଖଲ ପସନ୍ଦ ନ କରୁଥିବା କୁମ୍ଭ ରାଶିର ବ୍ୟକ୍ତିମାନଙ୍କ ଲାଗି ଲଭବାର୍ଡସ୍ ଏକ ଉତ୍ତମ ପୋଷା ଜୀବ।
* ସମ୍ବେଦନଶୀଳ, ଖୋଲା ହୃଦୟ ସ୍ୱଭାବର ହୋଇଥିବା ମୀନ ରାଶି ବ୍ୟକ୍ତିଙ୍କ ଲାଗି ମାଛ ବା ଠେକୁଆକୁ ପାଳିବା ଶୁଭପ୍ରଦ ହୋଇଥାଏ।

# ପାଠକୀୟ

ଜଳଭାଗ ହେଉ କି ସ୍ଥଳଭାଗ–ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ସେତେବେଳେ ବହୁବିଧ ଜଳଜୀବଙ୍କ ଦୃଶ୍ୟ ଆଖି ଆଗରେ ନାଚିଯାଏ। ଯେଉଁମାନଙ୍କ ମଧ୍ୟର ମୁଖ୍ୟ ହେଉଛି ମାଛ। ତେବେ ମାଛ ଭିତରେ କିଛି ମାଛ ଅଛନ୍ତି, ଯାହା ଖୁବ୍ ବିରଳ ଆଉ ଦୁର୍ମୂଲ୍ୟ। ସେମିତି କିଛି ବିରଳ ମାଛଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମାଛ ବିବିଧା'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'କାର କିଣୁଥିଲେ ରଙ୍ଗ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ' ପାଠରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ପ୍ରଭାଷିନୀ ଗୌଡ଼, ଝାଡ଼େଶ୍ୱରୀ ଲେନ୍, ପୁରୀ*

ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମାଛ ବିବିଧା'ରୁ ଓଡ଼ିଶାରେ ମିଳୁଥିବା କେତେକ ବିରଳ ତଥା ଦାମୀ ମାଛଙ୍କ ସମ୍ପର୍କରେ ଜାଣିହେଲା। ସେହିପରି ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ କ୍ଲଚ୍‌ଗୁଡ଼ିକ ବି ଖୁବ୍ ସୁନ୍ଦର ହୋଇଥିଲା। ଲେଖିକା ନବନୀତା ଦେବସେନ୍‌ଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବ୍ୟକ୍ତିତ୍ୱ ପୃଷ୍ଠାରୁ ପଢି ଖୁସି ଲାଗିଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ଚାକିରି' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ରାକେଶ କୁମାର ବରାଳ, ସିଆର୍‌ପି ଛକ, ଭୁବନେଶ୍ୱର*

ସିନେମା ପୃଷ୍ଠାରେ ସ୍ଥାନିତ କିଆରା ଆଡଭାନୀଙ୍କ ବସିବା ଫଟୋଟି ଖୁବ୍ ଆକର୍ଷଣୀୟ ହୋଇଥିଲା। ସେହିପରି ସୋନାକ୍ଷୀ କାହିଁକି ରାଗିଲେ, ଡିମ୍ପଲ କାପାଡିଆ ମାତ୍ର ୧୬ ବର୍ଷ ବୟସରେ କ'ଣ କରିଥିଲେ ଏବଂ ସୁବାସ ଘାଇଙ୍କର କ'ଣ ସବୁ ସଉକ ଥିଲା ତାହା ମଧ୍ୟ ଏହି ପୃଷ୍ଠାରୁ ଜାଣିହେଲା। ପ୍ରତିଥରର ପ୍ରଥମ ରୋଜଗାର ସ୍ତମ୍ଭଟି ପଢିବାକୁ ମୋତେ ବହୁତ ଭଲ ଲାଗେ। ଏହାର ମୁଁ ଜଣେ ନିୟମିତ ପାଠକ।

*–ଅନୁଭ ବେହେରା, କୁହୁଡ଼ି, ଖୋର୍ଦ୍ଧା*

ଗ୍ରୀନ୍ ପାରିକୁଦ ଅଭିଯାନରେ ହିମାଂଶୁ ଶେଖର ନାୟକଙ୍କର କ'ଣ ସବୁ ଭୂମିକା ରହିଥିଲା ତାହା ମଧ୍ୟ ଛୁଟିଦିନରୁ ପଢିହେଲା। ହିମାଂଶୁଙ୍କର ଏହା ଥିଲା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ୧୨ ବର୍ଷ ପରେ ହଜିଯାଇଥିବା ମୁଦିକୁ ପୁଣି ପାଇବାର ସୁଯୋଗ ଲଭିଥିବା ଜଣେ ଯୁବତୀଙ୍କ କାହାଣୀ ମଧ୍ୟ ଥିଲା ଖୁବ୍ ଆଶ୍ଚର୍ଯ୍ୟକର। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ସ୍ଥାପତ୍ୟ କହେ କରୁଣ କାହାଣୀ' ପାଠଟି ବି ଥିଲା ବେଶ୍ ହୃଦୟସ୍ପର୍ଶୀ।

*–ଜିନୁ ପଲାଇ, ପାରିକୁଦ, ପୁରୀ*

ଯାତ୍ରା ପୃଷ୍ଠାରୁ 'ଶିଖା ଡାକିବ ଗଙ୍ଗା ଆସିବ' ଏବଂ 'ଦରଦୀ ଅଭିନେତା ଆକାଶ'ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ସେହିପରି 'ଅଧେ ମଣିଷ ଅଧେ କୁକୁର', 'କୁକୁଡ଼ାଙ୍କ ପାଇଁ ଡ୍ରେସ୍', 'ହମିଂ ବାର୍ଡ ଭଳି ଫୁଲ', 'ବିପଜ୍ଜନକ ଜଗଲିଂ କରି ରେକର୍ଡ' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ଦେବସ୍ମିତା ମହାନ୍ତି, ମାର୍ଶାଘାଇ, କେନ୍ଦ୍ରାପଡ଼ା*

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ
ଆସେ ରବିବାର ଦିନ
ଲେଖା ଉତ୍ତମ, ଛବି ରଙ୍ଗିନ
ମୋହିନିଏ ମୋର ମନ।
ସାଥୀର ଉତ୍ତରମାନ
ପଢି ଖୁସି ହୁଏ ମନ
ଗଳ୍ପ, କବିତା, ସୃଜନ
ଯେତେ ପଢ଼ିଲେ ବି ଲାଗେ ନୂତନ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର,ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ଗାନ୍ଧିଜୀଙ୍କୁ ଭେଟି

**ବ୍ରିଟିଶ ଶାସନ କବଳରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ । ଯେଉଁଥିପାଇଁ ସେ ସାରା ଦେଶର କୋଣଅନୁକୋଣରେ ବୁଲି ଲୋକଙ୍କୁ ଏକଜୁଟ୍ କରୁଥିଲେ । ଏହି ସମୟରେ ଲୋକମାନେ ଶ୍ରଦ୍ଧାରେ ତାଙ୍କୁ ବିଭିନ୍ନ ଭେଟି ଦେଉଥିଲେ। ସେମିତି ଗାନ୍ଧିଜୀ ଓଡ଼ିଶା ଆସିବା ସମୟରେ ବି ତାଙ୍କୁ ମିଳିଥିଲା ଅନେକ ଶ୍ରଦ୍ଧାର ଭେଟି । ସେ ସମ୍ପର୍କରେ...**

ବ୍ରିଟିଶ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ସ୍ୱପ୍ନକୁ ସାକାର କରିବାଲାଗି ସାରାଦେଶରେ ଗାନ୍ଧିଜୀଙ୍କ ଅଭିଯାନ ଥିଲା ନିଆରା। ତାଙ୍କର ଏହି ଅଭିଯାନରେ ସାମିଲ ହୋଇଥିଲେ ଦେଶବାସୀ। ୧୯୨୧ରୁ ୧୯୪୬ ମସିହା ମଧ୍ୟରେ ଗାନ୍ଧିଜୀ ଏକାଧିକଥର ଓଡ଼ିଶା ଆସିଥିଲେ । ପଦଯାତ୍ରା ସମୟରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହୁଥିବା ବେଳେ ଓଡ଼ିଶାବାସୀଙ୍କ ଶ୍ରଦ୍ଧା ଓ ଆତିଥ୍ୟକୁ ସ୍ମରଣୀୟ କରିବା ପାଇଁ ତାଙ୍କୁ କିଛି ଉପହାର ପ୍ରଦାନ କରାଯାଇଥିଲା । ଯାହା ଗାନ୍ଧିଜୀଙ୍କ ଓଡ଼ିଶାଗସ୍ତ ଅନୁଭୂତି (ମାଇଁ ଓଡ଼ିଶା ଟୁର୍) ଲେଖାରୁ ସେତେବେଳର ନବଜୀବନ ପତ୍ରିକା ସହ ବିଭିନ୍ନ ପତ୍ରପତ୍ରିକାରୁ ଜଣାପଡ଼େ।

**ଲୋକେ ଅଣା,ପାଉଣା ପାଣ୍ଠିକୁ ଦେଇଥିଲେ:** ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଚାରିବାଟିଆକୁ ୧୯୨୭ ଡିସେମ୍ବର ୧୭ରେ ଗାନ୍ଧିଜୀ ଆସିଥିଲେ । ସେହି ସମୟରେ ବନ୍ୟାରେ ସାରା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥାଏ । ଏଭଳି ପରିସ୍ଥିତି ଦେଖି ଗାନ୍ଧିଜୀ ଦୁଃଖିତ ହୋଇଥିଲେ । ସେ ଲୋକଙ୍କୁ ସ୍ୱାବଲମ୍ବୀ ତଥା ଧୈର୍ଯ୍ୟ ସହକାରେ ପରିଶ୍ରମ କରିବା ପାଇଁ କହିଥିଲେ । ସ୍ୱଦେଶୀଦ୍ରବ୍ୟ ବ୍ୟବହାର ଏବଂ ବିଦେଶୀଦ୍ରବ୍ୟ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ । ମନ୍ତେଇ ନଦୀ କୂଳରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଗାନ୍ଧିଜୀଙ୍କ ସମେତ ମୀରାବେନ୍, ମହାଦେବ ଦେଶାଇ, କାକା କାଲେକର, ହରେକୃଷ୍ଣ ମହତାବ୍, ଚକ୍ରଧର ବେହେରା ଆଦି ସଂଗ୍ରାମୀମାନେ ଆସିଥିଲେ। ସେଦିନ ବାସୁଦେବପୁର ଚାରିବାଟିଆ ଅଞ୍ଚଳର ଲୋକମାନେ ଅଣା, ପାଉଣା ଓ ସୁଉକି ଆଦି ସଂଗ୍ରହକରି ଗାନ୍ଧିଜୀଙ୍କ ପାଣ୍ଠିକୁ ପ୍ରଦାନ କରିଥିଲେ।

**ଫଳ ଓ ଟଙ୍କା ପ୍ରଦାନ କରାଯାଇଥିଲା:** ଗାନ୍ଧିଜୀ ସବୁଠାରେ ଖଦି ଓ ଅରଟରେ ସୂତାକାଟିବା ପାଇଁ ପରାମର୍ଶ ଦେବା ସହିତ ଲୋକଙ୍କ ଠାରୁ ପାଣ୍ଠି ସଂଗ୍ରହ କରୁଥିଲେ। ଡ. ସତ୍ୟ ଷଡଙ୍ଗୀ କୁହନ୍ତି, ବିଭିନ୍ନ ପତ୍ରପତ୍ରିକାରୁ ମହାତ୍ମା ଗାନ୍ଧୀଙ୍କ ବାଣପୁର ଗସ୍ତ ବିଷୟରେ ଯାହା ଜଣାପଡ଼େ- ସେତେବେଳେ ଅବିଭକ୍ତ ପୁରୀ ଅଞ୍ଚଳର ବାଣପୁରକୁ ଗାନ୍ଧିଜୀ ଆସିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ତାଙ୍କର ସହଯୋଗୀମାନେ ସ୍ଥାପନ କରିଥିବା ଆଶ୍ରମ ସମ୍ମୁଖ ବରଗଛଠାରେ ଏକ ସଭା କରିଥିଲେ। ସେଦିନ ଥିଲା ୧୯୨୭ ମସିହା ଡିସେମ୍ବର ୮ ତାରିଖ। ଗାନ୍ଧିଜୀଙ୍କ ଆହ୍ୱାନରେ ବାଣପୁର ଆଦିବାସୀମାନେ ବିଭିନ୍ନ ଫଳଆଣି ଗାନ୍ଧିଜୀଙ୍କୁ ଉପହାର ଦେଇଥିଲେ ଏବଂ ବାଣପୁର ଜନସାଧାରଣ ୨୨୫ଟଙ୍କା ସଂଗ୍ରହକରି ପାଣ୍ଠିକୁ ପ୍ରଦାନ କରିଥିଲେ। ଗାନ୍ଧିଜୀଙ୍କ ପରାମର୍ଶରେ ବାଣପୁରରେ ଅରଟକେନ୍ଦ୍ର ଖୋଲାଯାଇଥିଲା।

**ସତ୍ୟଭାମା ପୁରରେ ଗାନ୍ଧିଜୀ:** ୧୯୩୪ ମସିହା ମେ ୨୩ ତାରିଖରେ ବାପୁଜୀ ଛତିଆ ଚମ୍ପାପୁର ଦେଇ ପଦଯାତ୍ରାରେ ଆସି ସାଲେପୁରର ଲେଖନପୁରରେ ପହଞ୍ଚି ଥିଲେ। ଏହି ଗ୍ରାମର କପିଳ ମଲ୍ଲିକଙ୍କ ଘରେ ଅବସ୍ଥାନ କରିଥିଲେ। ସେହି ସ୍ମୃତିକୁ ମନେପକାଇବା ପାଇଁ ବାପୁଜୀ ବିଦ୍ୟାପୀଠ ପ୍ରତିଷ୍ଠା ହୋଇଛି। ସେହିପରି ଗାନ୍ଧିଜୀ ପଦଯାତ୍ରାରେ ସତ୍ୟଭାମାପୁରକୁ ଆସିଥିବା ବେଳେ ଏଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କୋଠାରେ ବିଶ୍ରାମ ନେଇଥିଲେ। ଏଠାକୁ ସେତେବେଳେ ରମାଦେବୀ ଆସିଥିଲେ। ଏହାପରେ ଗାନ୍ଧିଜୀ ବହୁଗ୍ରାମ ଆସି ଦଶହରା ପଡ଼ିଆରେ ଏକ ସଭା କରିଥିଲେ । ସଭା ପୂର୍ବରୁ ସେ ସ୍ଥାନୀୟ ଅଞ୍ଚଳର ନଖି ଭଣ୍ଡାରିଙ୍କ ଦ୍ୱାରା ଖିଅର ହୋଇଥିଲେ। ଶିଶୁଆ ଠାରେ ଥିବା ଡାକବଙ୍ଗଳାରେ ଅବସ୍ଥାନକରି ଏଠାରୁ ସେ ନିଶ୍ଚିନ୍ତକୋଇଲି ଯାଇଥିଲେ। ଏହି ଅଞ୍ଚଳର ବହୁ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିଜୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ।

**ସୁଉକି, ଅଣା, ପାହୁଲା ସଂଗ୍ରହ ହୋଇଥିଲା:** ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟ ଏକ ଅନ୍ତୁଡ଼ିଶାଳ ଯାଜପୁରର ବରୀ। ଏଠାକୁ ଗାନ୍ଧିଜୀ ଆସିଥିବାବେଳେ ପ୍ରତିଛକରେ ବୈଠକ କରି କୁଟିଖାଅ କାଟି ପିନ୍ଧ କହୁଥିଲେ । କାଇପଡ଼ାର ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁ କୁହନ୍ତି, ମୋତେ ସେତେବେଳେ ୧୦ବର୍ଷ ହୋଇଥିଲା।





ଗାନ୍ଧିଜୀଙ୍କୁ ଦେଖିଥିଲି। ଗାନ୍ଧିଜୀଙ୍କ ପଛେପଛେ ଦୌଡ଼ୁଥିଲୁ। ଏବେ ଆମ ଅଞ୍ଚଳର କେତେକ ସ୍ଥାନ ଗାନ୍ଧୀଛକ ଭାବେ ପରିଚିତ। ବରୀ ଅଞ୍ଚଳର ରାମଚନ୍ଦ୍ରପୁର ଶିକ୍ଷାୟତନର ଶୁଭାରମ୍ଭ ସେ କରିଥିଲେ। ତେବେ ସ୍ୱାଧୀନତା ଆନ୍ଦୋଳନ ପାଇଁ ଗାନ୍ଧିଜୀଙ୍କ ପାଣ୍ଠିକୁ ଆମ ଅଞ୍ଚଳରୁ ସୁଉକି, ଅଣା, ପାହୁଲା ସଂଗ୍ରହକରି ଦେଇଥିଲୁ।

**ଛେଳିକ୍ଷୀର ପାନ କରିଥିଲେ:** ୧୯୨୮ମସିହା ଡିସେମ୍ବର ୨୩ରେ ଗାନ୍ଧିଜୀ ସମ୍ବଲପୁରକୁ ଆସିଥିଲେ । ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଅନନ୍ତ ଶଯ୍ୟା ମନ୍ଦିର ପାର୍ଶ୍ୱରେ ଥିବା ଘରେ ସେ ରହିଥିଲେ। ସେହି ସମୟରେ ସେ ମହାନଦୀ ବାଲିରେ ଏକ ସଭା କରିଥିଲେ। ଖଦି କପଡ଼ା ବିକ୍ରିରୁ ସେଦିନ ୬୦୦ରୁ ଊର୍ଦ୍ଧ୍ୱ ଟଙ୍କା ପାଣ୍ଠି ପାଇଁ ସଂଗ୍ରହ ହୋଇଥିଲା। ସନ୍ଧ୍ୟା ବେଳେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ମହିଳାମାନେ ଯୋଗଦେଇଥିଲେ। ଏହି ସଭାରେ ସେତେବେଳେ ୧୭୯୦ ରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ ହୋଇଥିଲା। ସଭାରେ କସ୍ତୁରବା ଗାନ୍ଧୀ ଯୋଗ ଦେଇଥିଲେ। ଦେବଦାସ ଗାନ୍ଧୀ ଓ ସଚିବ ମଧ୍ୟ ଆସିଥିଲେ। ସମ୍ବଲପୁର ରହଣି ସମୟରେ ଚନ୍ଦ୍ରଶେଖର ବେହେରାଙ୍କ ଅନୁରୋଧକ୍ରମେ ସମାରୁ ଟାଙ୍ଗୱାଲା କିଛି ଛେଳିକ୍ଷୀର ସଂଗ୍ରହକରି ଗାନ୍ଧିଜୀଙ୍କ ପାଇଁ ଦୁଗ୍ଧପାନର ବ୍ୟବସ୍ଥା କରିଥିଲେ। ଦ୍ୱିତୀୟ ଥର ୧୯୩୪ ମସିହା ମେ ୫ରେ ସମ୍ବଲପୁର ଗସ୍ତରେ ଗାନ୍ଧିଜୀ ଆସିଥିଲେ । ପଦଯାତ୍ରାରେ ଅସ୍ପୃଶ୍ୟତା ନିରାକରଣ ବାର୍ତ୍ତା ନେଇ ଲୋକଙ୍କୁ ବୁଝାଇଥିଲେ।

**ବାଉଁଶବାଡ଼ି ପ୍ରଦାନ କରାଯାଇଥିଲା**

୧୯୩୭ରେ କର୍ନାଟକର ହୁବୁଲି ଠାରେ ଗାନ୍ଧୀ ସେବାସଂଘର ତୃତୀୟ ଅଧିବେଶନ ପରେ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ହୋତା ପ୍ରମୁଖ ଓଡ଼ିଶାରେ ପରବର୍ତ୍ତୀ ଅଧିବେଶନ କରିବା ପାଇଁ ଗାନ୍ଧିଜୀଙ୍କୁ ପ୍ରସ୍ତାବ ଦେଇଥିଲେ । ଗାନ୍ଧିଜୀଙ୍କ ଅନୁମତି ପାଇବାପରେ ଗୋପବନ୍ଧୁ ଚୌଧୁରୀଙ୍କ ବରୀ ଆଶ୍ରମ ଓ କୃପାସିନ୍ଧୁ ହୋତାଙ୍କ ବେରବୋଇ ଆଶ୍ରମ କଥା ଉଠିଥିଲା। ପୁରୀର ଡେଲାଙ୍ଗ ଅଞ୍ଚଳର ବେରବୋଇରେ ୪ର୍ଥ ସର୍ବଭାରତୀୟ ଅଧିବେଶନ ବସିଥିଲା। ଏହି ଅଧିବେଶନରେ ବିଭିନ୍ନ ପ୍ରଦେଶରୁ ସ୍ୱାଧୀନତା ସଂଗ୍ରାମୀମାନେ ଯୋଗଦେଇଥିଲେ। ସେମାନଙ୍କ ରହିବା ଏବଂ ଖାଇବା ବ୍ୟବସ୍ଥା କରାଯାଇଥିଲା। ନିଷ୍ପତ୍ତି ହୋଇଥିଲା ଯେ ଅଧିବେଶନର ୧୦ମାଇଲ ଅଞ୍ଚଳ ଭିତରେ କରାଯାଇଥିବା ପନିପରିବା ଓ ଖାଦ୍ୟ ସାମଗ୍ରୀଗୁଡ଼ିକ ଏଠାରେ ବ୍ୟବହାର କରାଯିବ । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ କୁହାଗଲା ସେମାନେ ପନିପରିବା ଚାଷ ଓ ଗୋପାଳନ କରିବେ। ଏପରି କି ସେତେବେଳେ ଡେଲାଙ୍ଗ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣିର ସୁବିଧା ନ ଥିଲା। ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ -ନାଗପୁର ରେଲ୍‌ୱେ (ବିଏନଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ୧୯୩୮ ମାର୍ଚ୍ଚ ୨୫ ତାରିଖରେ ସକାଳ ୭ଟା ସମୟରେ ହାଓଡ଼ା-ପୁରୀ ଏକ୍ସପ୍ରେସ ଟ୍ରେନରେ ଗାନ୍ଧିଜୀ ଆସୁଥିଲେ । ରେଳ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେଶନ କରିବା ସହ ସେଠାରେ ଆଗରୁ କାଠରେ ପାହାଚ ତିଆରି କରିଥିଲେ। ମାର୍ଚ୍ଚ ୨୫ତାରିଖରୁ ୩୧ଯାଏ ବେରବୋଇର ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ାଛପର ଘରେ ଗାନ୍ଧିଜୀ ସାତଦିନ ବିତାଇଥିଲେ। ତାଙ୍କ ସାଥିରେ ଥିଲେ କସ୍ତୁରବା ଗାନ୍ଧୀ, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ରମାଦେବୀ, ମୌଲାନା ଆବୁଲ କାଲାମ ଆଜାଦ୍, ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର, ବିନୋଦ କାନୁନ୍‌ଗୋ, ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ସ୍ୱାଧୀନତାସଂଗ୍ରାମୀଗଣ। ଗାନ୍ଧିଜୀ ପ୍ରାତଃ ଭ୍ରମଣ ସମୟରେ ସେଠାରେ ପଡ଼ିଥିବା ଏକ ବାଉଁଶକୁ ଦେଖୁଥିବାବେଳେ ତାହା ଆଚାର୍ଯ୍ୟ ହରିହରଙ୍କ ନଜରରେ ପଡ଼ିଥିଲା। ପରେ ଆଚାର୍ଯ୍ୟ ହରିହର ଗାନ୍ଧିଜୀଙ୍କୁ ଏକ ସୁନ୍ଦର ବାଉଁଶ ବାଡ଼ିଟିଏ ପ୍ରଦାନ କରିଥିଲେ। ବେରବୋଇ ସମ୍ମିଳନୀରେ ଶହଶହ ମହିଳା ଓ ପୁରୁଷ ଗାନ୍ଧିଜୀଙ୍କ ଭାଷଣ ଶୁଣି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୯୪୨ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଇଂରେଜ ସରକାର ଏହି ଆଶ୍ରମକୁ ବେଆଇନ ଘୋଷଣା କରିବା ସହ କୃପାସିନ୍ଧୁ ହୋତାଙ୍କୁ ଗିରଫ କରିଥିଲେ। ତା'ପରେ ଆଶ୍ରମ ପରିଚାଳନା ଦାୟିତ୍ୱରେ ଥିବା ସୁନାମଣି ଦେବୀ ସହ ଅନ୍ତେବାସୀଙ୍କୁ ଗିରଫ କରାଯାଇଥିଲା। ସମୟକ୍ରମେ ଅଞ୍ଚଳବାସୀଙ୍କ ଅନୁରୋଧରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ପକ୍ଷରୁ ୧୯୭୨ରେ ଗ୍ରାମସେବାକେନ୍ଦ୍ର ନାମରେ ଏଠାରେ ଏକ ଆଶ୍ରମ ସ୍ଥାପିତ ହୋଇଛି।

**ଅ, ଆ ଶିଖିଥିଲେ:**୧୯୪୩ ମସିହା ମେ ୩୦ରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ଧୂମାତ୍ ଗାଁରେ ଗାନ୍ଧିଜୀଙ୍କୁ ସଂକୀର୍ତ୍ତନମେଳାରେ ସ୍ୱାଗତ କରାଯାଇ ଭକ୍ତବିଳାସ ମଠ ପଡ଼ିଆକୁ ଅଣାଯାଇଥିଲା। ଏଠାରେ ସ୍ୱଦେଶୀଦ୍ରବ୍ୟ ବ୍ୟବହାର ପାଇଁ ଏକ ସଭା କରାଯାଇଥିଲା। ଭକ୍ତବିଳାସ ମଠରେ ଗୋଟିଏ ରାତି ଗାନ୍ଧିଜୀ ରହିଥିଲେ। ଏଠାରେ ମଙ୍ଗଳା ସେନ୍ ଓ ରମାଦେବୀ ଗାନ୍ଧିଜୀଙ୍କୁ ଓଡ଼ିଆରେ ଅ,ଆ ଶିଖାଇଥିଲେ। ଅରଟ କେନ୍ଦ୍ର ଖୋଲାଯାଇଥିଲା।

**କଟକରେ ସୁନା ଅଳଙ୍କାର ପ୍ରଦାନ କରାଯାଇଥିଲା:**୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧିଜୀ ପ୍ରଥମେ କଟକ ଆସିଥିଲେ। କାଠଯୋଡ଼ି ନଦୀ ତଟରେ ବିରାଟ ସଭା କରିଥିଲେ। ବହୁସଂଖ୍ୟକ ମହିଳା, ପୁରୁଷ ଯୋଗ ଦେଇଥିଲେ। ଏହି ସଭାରେ ଗାନ୍ଧୀଙ୍କ ଅନୁଗ୍ରହ ପାଇ ସେମାନେ ନିଜ ଗହଣା ଭାରତର ସ୍ୱତନ୍ତ୍ରତା ସଂଗ୍ରାମ ପାଇଁ ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ। ପୁନର୍ବାର ସେ ୧୯୪୬ ଜାନୁୟାରୀ ୨୦ରେ ସ୍ୱରାଜ ଆଶ୍ରମକୁ ଆସିଥିଲେ।

**ସମୂହ ପଂକ୍ତି ଭୋଜନ କରିଥିଲେ:**

୧୯୩୪ ମସିହା ମେ ୧୩ରୁ ୧୫ ତାରିଖ କୁଆଖାଇ, କୁଶଭଦ୍ରା ନଦୀପାର୍ଶ୍ୱସ୍ଥ ବାଲିଅନ୍ତା ହାଟପଡ଼ିଆ ଆମ୍ବ ତୋଟାରେ ସହଯୋଗୀମାନଙ୍କ ସହ ଗାନ୍ଧିଜୀ ରହିଥିଲେ। ନିକଟସ୍ଥ କୁଞ୍ଜବିହାରୀ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇ ସମୂହ ପଂକ୍ତି ଭୋଜନ କରିଥିଲେ। ସେହିପରି ଗାନ୍ଧିଜୀ ପୁରୀରୁ କଟକର ଦେବୀଗଡ଼ାକୁ ପଦାଯାତ୍ରାବେଳେ ଗୋଟିଏ ଦିନ ତେଲେଙ୍ଗାପେଣ୍ଠ ଠାରେ ରହିଥିଲେ ଏବଂ ସ୍ୱଦେଶୀ ବ୍ୟବହାର ସମ୍ପର୍କରେ ଆହ୍ୱାନ ଦେଇଥିଲେ। ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ଜଗତ୍‌ସିଂହପୁର, ବୋଲଗଡ଼, ବ୍ରହ୍ମପୁର, ପୁରୀ, ହରେକୃଷ୍ଣପୁର, ଚନ୍ଦନପୁର, ସାକ୍ଷୀଗୋପାଳ କାଦୁଆ ଆଶ୍ରମ, ଦାଣ୍ଡମୁକୁନ୍ଦପୁର, ବାଳକାଟୀ, ବାଲିଅନ୍ତାରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ହସ୍ତଶିଳ୍ପ, ଗୋପାଳନକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ଉତ୍କଳମଣି ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର, ଚନ୍ଦ୍ରଶେଖର ବେହେରା, ରମାଦେବୀ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ସାମିଲ ଥିଲେ। ଏତଦ୍ ବ୍ୟତୀତ ଗାନ୍ଧିଜୀ ଓଡ଼ିଶାର ଆଉ କେତେକ ସ୍ଥାନକୁ ମଧ ଆସିଥିଲେ। ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।






**- ବନବିହାରୀ ବେହେରା**
ସହାୟତା:**କିଶୋର ମହାପାତ୍ର, ନୀଳମାଧବ ସାହୁ,ଅରବିନ୍ଦ ଭୂୟାଁ**

# ଟ୍ରାଇ କଲର୍ ରାଖୀ







**ଚଳିତ ମାସ ସ୍ୱାଧୀନତା ଦିବସ ଓ ପବିତ୍ର ରାଖୀ ପୂର୍ଣ୍ଣିମା ଗୋଟିଏ ଦିନରେ ହିଁ ପଡୁଛି। ତେଣୁ ଏଭଳି ଏକ ଶୁଭ ଦିନରେ ଭାଇ ହାତରେ ରାଖୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ନେବାକୁ ଭଉଣୀମାନଙ୍କ ପାଇଁ ଟ୍ରାଇ କଲର୍ ରାଖୀଠୁ ଆଉ ଭଲ ଅପ୍ସନ କ'ଣ ହୋଇପାରେ। କାରଣ ଏହି ରାଖୀରେ ଭାଇ ପାଇଁ ଭଉଣୀର ସ୍ନେହ ଲୁଚି ରହିବା ସହ ଦେଶପ୍ରୀତିର ଝଲକ ଦେଖିବାକୁ ମିଳିଥାଏ। ତେଣୁ ଆଉ ଡେରି କାହିଁକି,ଏଥରର ସ୍ୱାଧୀନତା ଦିବସ ଓ ରାଖୀ ପୂର୍ଣ୍ଣିମାକୁ ଏକାଠି ପାଳିବା ପାଇଁ କେଉଁ କେଉଁ ଭେରାଇଟ୍‌ର ଟ୍ରାଇ କଲର୍ ରାଖୀ ଏବେ ମାର୍କେଟ୍‌ରେ ମିଳୁଛି ଆସନ୍ତୁ ଜାଣିବା....**

**ଷ୍ଟୋନ୍ ରାଖୀ:** ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲାଭଳି ଟ୍ରାଇ କଲର୍ ଷ୍ଟୋନରେ ତିଆରି ରାଖୀ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ। ମାର୍କେଟ୍‌ରେ ବଡ଼ ଛୋଟ ବିଭିନ୍ନ ଶେପ୍‌ର ଷ୍ଟୋନରେ ତିଆରି ଏହି ରାଖୀ ଏବେ ମିଳୁଛି।

**ବିଡ୍ସ ବା ମାଳିର ରାଖୀ:** ତ୍ରିରଙ୍ଗା ପରି ତିନୋଟି ରଙ୍ଗରେ ଆସୁଥିବା ମାଳିରେ ବି ରାଖୀ ତିଆରି ହୋଇ ଏବେ ମାର୍କେଟ୍‌ରେ ବିକ୍ରି ହେଉଛି। ଏହା ବି ଖୁବ୍ ସୁନ୍ଦର ଦେଖାଯାଉଛି।

**ପମ୍‌ପମ୍ ରାଖୀ:** ପମ୍‌ପମ୍ ରାଖୀ ଦେଖିବାକୁ ସିମ୍ପଲ୍ ହୋଇଥିଲେ ବି ହାତରେ ପିନ୍ଧିଲେ ବହୁତ ସୁନ୍ଦର ଦେଖାଯାଇଥାଏ। ସାଧାରଣତଃ ସରୁ ସରୁ ସୂତା କିମ୍ବା ପତଳା ଉଲ୍‌ରେ ତିଆରି ହେଉଥିବା ଏହି ରାଖୀ ଏବେ ଟ୍ରାଇ କଲର୍‌ରେ ବି ମାର୍କେଟ୍‌ରେ ମିଳିଲାଣି।

**ଟ୍ୟାସେଲ୍ ରାଖୀ:** ଟ୍ୟାସେଲ୍ ଇୟର ରିଂ ତ ଅନେକେ ଦେଖିଥିବେ। ହେଲେ ଏବେ ଟ୍ରାଇ କଲର୍‌ର ଟ୍ୟାସେଲ୍ ରାଖୀ ବି ମାର୍କେଟ୍‌କୁ ଆସିଲାଣି। ଏଥରର ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ଚାହିଁଲେ ଏହି ଭେରାଇଟ୍‌ର ରାଖୀ କିଣି ଭାଇମାନଙ୍କ ହାତରେ ପିନ୍ଧାଇ ପାରିବେ। ଯାହା ତାଙ୍କ ଭାଇମାନଙ୍କ ହାତକୁ ଏକ ନିଆରା ଲୁକ୍ ଦେବ।

**ଶସ୍ୟରେ ତିଆରି ରାଖୀ:** ଗୋଟାମୁଗ, ଅରୁଆ ଚାଉଳ ତଥା ମସୁର ଡାଲିକୁ ଖୁବ୍ ସୁନ୍ଦର ଭାବେ ସଜାଇ ଏବେ ଟ୍ରାଇ କଲର୍ ରାଖୀର ରୂପ ଦିଆଯାଉଛି ଏବଂ ଏହାକୁ ମାର୍କେଟ୍‌ରେ ବିକ୍ରି ମଧ୍ୟ କରାଯାଉଛି, ଯାହା ଦେଖିବାକୁ ଟ୍ରେଣ୍ଡି ଲାଗିବା ସହ ଆକର୍ଷଣୀୟ ଲୁକ୍ ବି ଦେଉଛି।

କେବଳ ଏତିକି ନୁହେଁ, ଏବେର ରାଖୀ ମାର୍କେଟ୍‌ରେ ଆହୁରି ଅନେକ ଆକର୍ଷଣୀୟ ଡିଜାଇନ୍‌ର ଟ୍ରାଇ କଲର୍ ରାଖୀ ବି ମିଳୁଛି, ଯାହାକୁ ଖୁବ୍ ସୁଲଭ ଦରରେ କିଣି ଭଉଣୀମାନେ ତାଙ୍କ ଭାଇମାନଙ୍କ ହାତରେ ବାନ୍ଧି ଏହି ପବିତ୍ର ଦିବସକୁ ଖୁବ୍ ଆନନ୍ଦ ଉଲ୍ଲାସରେ ପାଳନ କରିପାରିବା ସହ ଦେଶପ୍ରୀତିରେ ସାମିଲ ହୋଇପାରିବେ।





# ମିମି ମଣ୍ଡଲ

ମୋନିଦୀପା ମଣ୍ଡଲ ଓରଫ୍ ମିମି ହେଉଛନ୍ତି ଭାରତର ପ୍ରଥମ ଲେଖିକା (ରାଇଟର) ଯିଏ ସମ୍ମାନଜନକ ହ୍ୟୁଗୋ ଆୱାର୍ଡ ପାଇଁ ମନୋନୀତ ହୋଇଥିଲେ। ସମ୍ପ୍ରତି ନ୍ୟୁୟର୍କରେ ରହୁଥିବ ମିମି ସାଧାରଣତଃ ଜଣେ ଫିକ୍ସନ୍ (ଗପ, ଉପନ୍ୟାସ ଇତ୍ୟାଦି)ର ଲେଖିକା। ସେ ବିବିଧ ପର୍ଯ୍ୟାୟର ବିଷୟବସ୍ତୁକୁ ନେଇ ତାଙ୍କର ସାହିତ୍ୟ ସୃଷ୍ଟି କରନ୍ତି। ଏମିତି ସେ ବହୁ ବିଜ୍ଞାନ ସମ୍ବଳିତ ଗଳ୍ପ ମଧ୍ୟ ରଚନା କରିଛନ୍ତି। ମିମି 'ଲୁମିନିସେଣ୍ଟ ଥ୍ରେଡ୍'ର ସହଯୋଗୀ ସମ୍ପାଦକ ଭାବରେ ମଧ୍ୟ ସଫଳତାର ସହିତ ଦାୟିତ୍ୱ ନିଷ୍ପାଦନ କରିଛନ୍ତି। ସେ କାମ କରୁଥିବା ବେଳେ 'ଲୁମିନିସେଣ୍ଟ ଥ୍ରେଡ୍' ବହୁ ଦିଗରୁ ନୂତନତାକୁ ସାମ୍ନା କରିଛି। ମିମିଙ୍କ ପରିଚୟ ଏତିକିରେ ସୀମିତ ନୁହେଁ। ୨୦୧୨ରୁ ୨୦୧୩ – ଦୁଇବର୍ଷ ପାଇଁ ସେ ପେଙ୍ଗୁଇନ୍ ଇଣ୍ଡିଆରେ ସମ୍ପାଦକ ଭାବେ କାର୍ଯ୍ୟକରି ନିଜ ସମ୍ପାଦନା ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି। ତାଙ୍କର ରଚନା ସବୁ ଭାରତ ତଥା ବିଶ୍ୱର ବହୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ସେଥିମଧ୍ୟରୁ କେତୋଟି ହେଉଛି ଟର ଡଟ୍ କମ୍, ଫାୟାରସାଇଡ୍ ମାଗାଜିନ୍, ଦି ବୁକ୍ ସ୍ମଗଲର୍ସ, ଡେଲି ସାଇନ୍ସ ଫିକ୍ସନ୍, କିଣ୍ଡ୍ଲ ମାଗାଜିନ୍, ମ୍ୟୁଜ୍ ଇଣ୍ଡିଆ, ପଡ୍‌କ୍ୟାସଲ୍ ଏବଂ ସ୍କ୍ରଲ ଆଦି ଅନ୍ୟତମ।

**ଜନ୍ମ ଓ ପରିବାର :** କୋଲକାତାରେ ମିମି ଓରଫ ମୋନିଦୀପା ମଣ୍ଡଲଙ୍କ ଜନ୍ମ। ତାଙ୍କ ବାପା ୱେଷ୍ଟବେଙ୍ଗଲ ସିଭିଲ୍ ସର୍ଭିସ୍‌ରେ ଜଣେ ଅଧିକାରୀ ଭାବରେ କାମ କରୁଥିଲେ। ମା' ଥିଲେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ କର୍ମଚାରୀ। ପିଲାବେଳେ ଶ୍ରଦ୍ଧାରେ ତାଙ୍କୁ ମିମି ବୋଲି ଡକା ଯାଉଥିଲା। ତାଙ୍କର ସ୍କୁଲ ନାମ ଥିଲା ମୋନିଦୀପା। ସେ ଜଣେ ସାଧାରଣ ବଙ୍ଗାଳୀ ଝିଅଙ୍କ ପରି ବଡ଼ ହୋଇଥିଲେ। ସ୍କୁଲ ଯାଇଥିଲେ। ପାଠ ପଢ଼ିଥିଲେ। ତେବେ ବଡ଼ ହେବା ପରେ ଅନୁଭବ କଲେ ଯେ, ତାଙ୍କୁ ମିମି ନାମଟି ଯେତିକି ଭଲ ଲାଗୁଛି ମୋନିଦୀପା ନାମଟି ସେତିକି ଭଲ ଲାଗୁନାହିଁ। ତେବେ ତାହାକୁ ହଟେଇଦବାର କୌଣସି ଉପାୟ ନ ଥିଲା। କାରଣ ସ୍କୁଲ୍ ତଥା କଲେଜ୍ ଆଦିର ରେକର୍ଡରେ ମୋନିଦୀପା ଭାବରେ ତାଙ୍କର ନାମ ପଞ୍ଜୀକୃତ ହୋଇ ସାରିଥିଲା। ତେବେ ଯେତେବେଳେ ସେ ଲେଖାଲେଖି ଆରମ୍ଭ କଲେ ସେତେବେଳେ ତାଙ୍କୁ ତାଙ୍କର ନାମ ବଦଳେଇ ଲେଖିବାର ଏକ ଅବସର ମିଳିଗଲା। ସେ ଲେଖାଲେଖି ସବୁରେ ମୋନିଦୀପା ବଦଳରେ ନିଜ ନାମ ମିମି ମଣ୍ଡଲ ଉଲ୍ଲେଖ କଲେ। ବାସ୍, ତା' ପରଠୁ ସେ ମୋନିଦୀପା ଭାବରେ କମ୍, ମିମି ଭାବରେ ବେଶି ପରିଚିତ ହୋଇଗଲେ। ଜଣେ ବଙ୍ଗାଳୀ ଭାବରେ ସେ ନିଜକୁ ନେଇ ଗର୍ବ କରନ୍ତି। ଏକ ଅନ୍‌ଲାଇନ୍ ପ୍ରବନ୍ଧରେ ସେ ତାଙ୍କର ଦୁଇଗୋଟି ପ୍ରଥମ ଭାଷା ବୋଲି ଉଲ୍ଲେଖ କରିଥିଲେ। ତାହା ଥିଲା ବଙ୍ଗଳା ଏବଂ ଇଂଲିଶ। ଅବଶ୍ୟ ପରେ ସେ ହିନ୍ଦୀ ସହିତ ଅନ୍ୟାନ୍ୟ ଭାଷା ଶିକ୍ଷା କଲେ।










**ସାହିତ୍ୟ :** ମିମି କୋଲକାତାର ନବ ନାଳନ୍ଦା ହାଇସ୍କୁଲ୍‌ରୁ ଶିକ୍ଷା ଆରମ୍ଭ କରିଥିଲେ। ପରେ କୋଲକାତା ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ପଢ଼ିଲେ। ଯାଦବପୁର ୟୁନିଭର୍ସିଟିରୁ ସେ ପ୍ରଥମେ ଇଂଲିଶରେ ସ୍ନାତକ ଡିଗ୍ରୀ ଏବଂ ପରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। କମନୱେଲ୍‌ଥ ସ୍କଲାରଶିପ୍ ପାଇ ସ୍କଟ୍‌ଲାଣ୍ଡର ୟୁନିଭର୍ସିଟି ଅଫ୍ ଷ୍ଟର୍ଲିଂକୁ ଗଲେ ଏବଂ ସେଠାରେ ପବ୍ଲିଶିଂ ଷ୍ଟଡିଜ୍‌ରେ ମାଷ୍ଟର ଅଫ୍ ଲେଟର୍ସ ହାସଲ କଲେ। ଏସବୁ ମଧ୍ୟରେ ସେ ସାହିତ୍ୟ ସୃଷ୍ଟି କରିବାର କଳା ହାସଲ କରି ସାରିଥିଲେ। ସେ ଏକଦା ମତଦେଇ କହିଥିଲେ ଯେ, ସାହିତ୍ୟ ହେଉଛି ଏକ ଛୋଟିଆ କଥାରେ ବୃହତ୍ତର ଜିନିଷର ଠାବ କରିବା। ସାଧାରଣତଃ ନିଜେ ପସନ୍ଦ କରୁଥିବା କଥା ହିଁ ଲେଖିବା ପାଇଁ ପସନ୍ଦ କରିଥାନ୍ତି। ସେ ମଧ୍ୟ ଠିକ୍ ସେଇଆ କରନ୍ତି। ତେବେ ତାଙ୍କର ପସନ୍ଦ ପୁରାଣ କାହାଣୀ, କିମ୍ବଦନ୍ତୀ, ଲୋକକଥା। ମାତ୍ର ସେ ଅନ୍ୟମାନଙ୍କ ପରି ପୁରାଣ କିମ୍ବା ଲୋକକଥାକୁ ଦେଖନ୍ତି ନାହିଁ। ତା' ଭିତରୁ ସେ କିଛି ନୂଆ କଥା ଆବିଷ୍କାର କରିବାର ପ୍ରୟାସ କରନ୍ତି। ତାଙ୍କ ସୃଷ୍ଟି ସର୍ଜନା ସବୁ ମଧ୍ୟରେ ରହିଛି 'ଅଦର ପିପୁଲ, ଦିସ୍ ସ୍ୟୁଲିଡ୍ ଆର୍ଥ–ଆୱାର ହୋମ୍, ଦି ବ୍ରିଜ୍ ଅଫ୍ ମାଇଁ ୟଥ୍ ଗ୍ରିଓ ଟଲ୍, ହିଜ୍ ଫୁଟ୍‌ଷ୍ଟେପ୍ସ, ସୋ ଇଟ୍ ୱାଜ୍ ଫୋରଟୋଲ୍ଡ, ଲର୍ନିଂ ଟୁ ସ୍ୱିମ୍, ଦି ସି ସାଇନ୍ସ ଆଟ୍ ନାଇଟ୍ ଇତ୍ୟାଦି।

**ବିଜ୍ଞାନ ଗପ :** ସାଇନ୍ସ ଫିକ୍ସନ୍ ବା ବିଜ୍ଞାନକୁ ନେଇ ଲେଖାଯାଉଥିବା ଗଳ୍ପ ଉପନ୍ୟାସ ଆଦି କାଳ୍ପନିକ କାହାଣୀର ଗୁରୁତ୍ୱ କିଛି କମ୍ ନୁହେଁ ବୋଲି ମିମିଙ୍କ ସ୍ପଷ୍ଟ ମତ। ରୋମାନ୍ସ ବା ସାମାଜିକ ଗପ ତୁଳନାରେ ଏହାର ଆବଶ୍ୟକତା ମଧ୍ୟ ରହିଛି। ସାଇନ୍ସ ଫିକ୍ସନ୍‌ର ଏକ କମ୍ପନ ସୃଷ୍ଟିକାରୀ ସାମର୍ଥ୍ୟ ରହିଛି ଯାହା ପାଠକର ମାନସିକତା ବା ଆଇଡୋଲୋଜିକୁ ଆନ୍ଦୋଳିତ କରେ। ଫଳରେ ତା' ଭିତରେ ଥିବା ଭୁଲ୍ ଠିକ୍‌ର ଭ୍ରାନ୍ତି ଦୂରୀଭୂତ ହୋଇଥାଏ। ମିମି ଜଣେ ଉଚ୍ଚକୋଟୀର ବିଜ୍ଞାନ ଲେଖିକା। ବିଶେଷକରି 'ଅନ୍‌କାନି' ପତ୍ରିକା ପାଇଁ କାମ କରିବା ଅବସରରେ ସେ ବିଜ୍ଞାନ ଗପ ଆଡ଼କୁ ଢଳିଥିଲେ।





# ରାଖୀ ପୂନେଇଁ

**–ଶିବ ମିଶ୍ର**

ଶ୍ରୀକ୍ଷେତ୍ରର ସମୁଦ୍ର କୂଳରେ ବୁଲି ବୁଲି ଜରିମୁଣି, ପ୍ଲାଷ୍ଟିକ୍ ଶିଶି–ବୋତଲ ଗୋଟାଉଥିଲା ନଅ ଦଶ ବର୍ଷର ଝିଅଟିଏ। ସାଙ୍ଗରେ ଥିଲା ସାତ ଆଠ ବର୍ଷ ବୟସର ତା' ସାନ ଭାଇ। ହଠାତ୍ କୋଉଠୁ ଗୋଟାଏ ପାଣି ବୋତଲ ଗଡି ଆସିଲା ସେ ଝିଅର ପାଦ ପାଖକୁ। ସିଏ ସେ ବୋତଲଟିକୁ ତଳୁ ଉଠାଇ ଆଣି, ଭାଇକୁ କହିଲା– ପାଣି ପିଇବୁ ବୋଲି କହୁଥିଲୁ ପରା, ଏଥିରେ ଥଣ୍ଡାପାଣି ଅଛି, ନେ। ଝିଅଟି ସେ ବୋତଲର ଠିପି ଖୋଲୁଥିବା ବେଳେ ଜଣେ ଲୋକ ଝପଟିଲା ପରି ଆସି ତା ହାତରୁ ବୋତଲଟା ଛଡାଇ ନେଇ– 'ଶ.. ମ୍ଳେଚ୍ଛ ପିଲା, ଏ ବୋତଲ ଛୁଇଁବାକୁ ତତେ କିଏ କହିଲା ବେ ? ଏଇଟା କ'ଣ ତୋ ବୋପାର' ବୋଲି କହି ତାକୁ ମାଡ ମାରିବା ପାଇଁ ହାତ ଉଠାଇଲା ବେଳକୁ ପାଖରେ ଥିବା ଝିଅର ସାନ ଭାଇ, ଭଉଣୀକୁ ଠେଲି ଦେଇ ଆଗକୁ ଚାଲି ଆସିଲା। ରାଗରେ ଅନ୍ଧ ହୋଇଯାଇଥିବା ଏଇ ଲୋକ ଜଣଙ୍କର ଉଠିଥିବା ହାତର ଚାପୁଡା ବିଧାଗୁଡାକ ସେ ସାନ ପିଲାଟାର ଗାଲ ଆଉ ପିଠିରେ ଅଜାଡି ହୋଇ ପଡିଲା। ତା'ପରେ ସେ ଲୋକ ବୋତଲର ପାଣି ସବୁ ତଳେ ଢାଳି ଦେଲେ, ବୋତଲଟାକୁ ଦୂରକୁ ଫିଙ୍ଗି ଦେଇ ଗର୍ଜନ କରି କରି ସେଠାରୁ ଚାଲିଗଲେ। ଏତେ ବେଳ ଯାଏଁ ତାଙ୍କୁ ଜଳ ଜଳ କରି ଚାହିଁ ରହିଥିବା ଝିଅଟି ଏବେ ସାନ ଭାଇ ଆଡକୁ ଚାହିଁଲା। ତାକୁ ନିଜ ପାଖକୁ ଟାଣି ନେଇ ତା' ଦେହ ମୁହଁ ଆଉଁସି ଦେଉ ଦେଉ କହିଲା– ସେ ଲୋକ ମୋତେ ମାଡ ମାରିଥାନ୍ତେ, ତୁ କାହିଁକି ଆଗକୁ ଆସିଲୁ ମାଡ ଖାଇଲୁ, କଷ୍ଟ ପାଇଲୁ। ସାନ ଭାଇ କହିଲା ଆଜି ଦିନରେ ତୋତେ ମୁଁ କଷ୍ଟ ସହିବାକୁ ଦେଇଥାଆନ୍ତି କେମିତି। ଏବେଠୁ ତୋର ସବୁ କଷ୍ଟ ମୁଁ ସହିବି। ତତେ ଟିକିଏ ବି କଷ୍ଟ ସହିବାକୁ ଦେବିନି। ସେଇଠୁ ସିଏ ତା' ପ୍ୟାଣ୍ଟ ପକେଟରୁ ନାଲିଆ ଡୋର ଖଣ୍ଡେ ବାହାର କରି ଭଉଣୀକୁ ବଢାଇଦେଇ କହିଲା– ନେ, ତୁ ଏଇଟା ମୋ ହାତରେ ବାନ୍ଧିଦେ। ତୁ କ'ଣ ଭୁଲିଗଲୁ କି ଆଜି ପରା ରାଖୀ ପୂନେଇଁ ।

*–ବାଣପୁର, ଖୋରଧା*



# ପ୍ରତାରକ

**–ଉମା ଶଙ୍କର ପାଳ**

ତୁମ ଆଗମନ
ଏକ କୁହୁକ
ପ୍ରତାରଣାର ପରିଣତି
ନ' ଅଙ୍କ।

ଦର ଆଉଜା ଦରଜା ଭିତରେ
ଥାଏ ଅପେକ୍ଷାରତ
ଅଭାବୀ କୃଷକ, ବିରହୀ ପ୍ରେମିକ
ତୃଷାର୍ତ୍ତ ଚାତକ, ବିଦଗ୍ଧ ବୈଶାଖ।

ଓଦା ସରସର ହୋଇ
ତୁମେ ଓହ୍ଲାଇ ଆସ ଅକସ୍ମାତ
ତୁମ ରିମ୍‌ଝିମ୍ ବୀଣାତାନରେ
ଶିହରିତ, ଚରାଚର ଜଗତ
ସିବନୀ ମନ୍ତ୍ରୋଚାରଣରେ
ସବୁଜର ଜୀବନ୍ୟାସ।

ଏ ସନ
ତୁମେ ଏକ ପ୍ରତାରକ
ତୁମକୁ ଝୁରୁଛି
ନଦୀର କୃଶ ବକ୍ଷ
ପ୍ରଶସ୍ତ ଆଷାଢ଼ିଆ ଖେତର
ଗରମ ନିଃଶ୍ୱାସ
ବାସହୀନ ଉଲଙ୍ଗ ଆକାଶ।

*–ଜାଗମରା, ଭୁବନେଶ୍ୱର*

# କବିତା ବର୍ଷିବ

**–ଡା. ସରୋଜିନୀ ଷଡ଼ଙ୍ଗୀ**

ବର୍ଷାର ବିନ୍ଦୁଏ ଜଳ
ଶବ୍ଦ ସହ ଯୋଡି ହୋଇ
ଯେତେବେଳେ ଭୂମିଲଗ୍ନା ହେବ
ସେତେବେଳେ ଭାବ ଆଉ
ରାଗ ଅନୁରାଗ ସହ
ବିଭୋର କବିର ଦେହେ
ଆଶ୍ଚର୍ଯ୍ୟ ଏ ଆକାଶରୁ
କେବଳ ହିଁ କବିତା ବର୍ଷିବ।

*ଲିଙ୍କରୋଡ୍, କଟକ–୧୨*

# ତୁମେ

**–ସୁମିତା ବେହେରା**

କଥା ତ ସରିନି
ମନ ବି ଭରିନି
ଲୁଚିଗଲ ତୁମେ ବାଦଲ ଫାଙ୍କେ,
ଉଦାସେ ନଳିନୀ
ମାଗଇ ମେଲାଣି
ଅଧୀରେ ତା' ମନ ତୁମକୁ ଖୋଜେ !

*–ନୟାପଲ୍ଲୀ, ଭୁବନେଶ୍ୱର*

# ଲାଗିପଡ଼ିଛନ୍ତି ସୋନାକ୍ଷୀ

ସୋନାକ୍ଷୀଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି । ସେ ଯେମିତି ହେଲେ ଘୋଡ଼ା ଚଢ଼ା ଶିଖିବେ । ନିକଟରେ ସେ ଏକ ହର୍ଷ ରାଇଡିଙ୍ଗ୍ କମ୍ପିଟିଶନ ଦେଖିବାକୁ ଯାଇଥିଲେ । ସେଠାରେ ସେ ଏକା ଉପସ୍ଥିତ ନ ଥିଲେ । କିଛି ସମୟ ପରେ ସେଠାରେ ପହଞ୍ଚିଥିଲେ ଖିଲାଡି ମାଷ୍ଟର ଅକ୍ଷୟ କୁମାର । ବାସ୍, ତାଙ୍କ ସହ ଗପର ପର୍ବ ଚାଲିଥିବା ବେଳେ ଅକ୍ଷୟ ତାଙ୍କୁ ଘୋଡ଼ାଚଢ଼ା ଶିଖିବାକୁ କହିଥିଲେ । ଆଉ ତା'ପରେ ସୋନାକ୍ଷୀଙ୍କ ମନ ଘୋଡ଼ା ଆଡ଼କୁ ଢଳିଥିଲା । ପୁଣି ସେତିକିବେଳେ ଅକ୍ଷୟ ମଧ୍ୟ ସହଯୋଗର ହାତ ବଢ଼ାଇବାକୁ ପଛାଇ ନ ଥିଲେ । ଖୁବ୍‌ଶୀଘ୍ର ଜଣେ ଭଲ ହର୍ଷ ରାଇଡିଂ ଟ୍ରେନର ଯୋଗାଡ଼ କରିଦେବାକୁ ସୋନାକ୍ଷୀଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସୋନାକ୍ଷୀଙ୍କ ଘୋଡ଼ା ଚଢ଼ା ମିଶନ କିପରି ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା ।





# ଭୁଲିପାରୁନାହାନ୍ତି ପରିଣିତି

ଜୀବନରେ ଅନେକ ଘଟଣା ଘଟିଥାଏ । ଆଉ ସେଗୁଡ଼ିକ ମଧ୍ୟରୁ କେତେକ ମନରେ ସ୍ମୃତି ହୋଇ ରହିଯାଇଥାଏ । ନିକଟରେ ଏକ କାର୍ଯ୍ୟକ୍ରମରେ ନିଜ ଅଭିନୟ ଜୀବନର ସେପରି କେତୋଟି ଘଟଣା ସମ୍ପର୍କରେ ବଖାଣିଥିଲେ ପରିଣିତି ଚୋପ୍ରା । ସେ କହିଥିଲେ, ୨୦୧୪ ଶେଷଭାଗ ଏବଂ ୨୦୧୫ ପ୍ରାରମ୍ଭରେ ମୋତେ ବେଶ୍ ସଘଂର୍ଷ କରିବାକୁ ପଡ଼ିଥିଲା । ମୋ ଅଭିନୀତ ଦୁଇଟି ଫିଲ୍ମ 'ଦାୱତ-ଇ-ଇସ୍କ' ଏବଂ 'କିଲ୍ ଦିଲ୍' ଫ୍ଲପ୍ ହୋଇଥିଲା । ତେଣୁ ପ୍ରଯୋଜକ ମୋତେ ଆଡ଼ଆଖିରେ ଅନାଇ ନ ଥିଲେ । ମୋର ଏମିତି ପରିସ୍ଥିତି ଆସିଯାଇଥିଲା ଯେ ପାଖରେ ଆବଶ୍ୟକ ଟଙ୍କା ନ ଥିବାରୁ ମୁଁ ବାହାରକୁ ଯିବା ବନ୍ଦ କରିଦେଇଥିଲି । ସେତେବେଳେ ମୋ ସାଙ୍ଗମାନେ ମଧ୍ୟ ମୋତେ ସାହାଯ୍ୟ କରି ନ ଥିଲେ । ତେଣୁ ସେତେବେଳର ସେ କଥା ଏବେ ମନେପଡିଲେ ମୋର ଭାବପ୍ରବଣତା ସ୍ୱତଃ ବଢ଼ିଯାଇଥାଏ । ଏବେ ତ ଆଉ ସେ ବେଳ ନାହିଁ । ବର୍ତ୍ତମାନ ମୋ କ୍ୟାରିୟରକୁ କିପରି ସୁରୁଖୁରୁରେ ଆଗେଇ ନେବି ସେନେଇ ବେଶ୍ ସତର୍କ ରହିବାକୁ ପଡୁଛି ।'

# ହ୍ୟାଟ୍ରିକ୍ ଅପେକ୍ଷାରେ ଦେବରାଜ

ନବାଗତ ନାୟକ ଦେବରାଜ । ଗତବର୍ଷ ତାଙ୍କର ଡେବ୍ୟୁ ଫିଲ୍ମ 'ତୋ ପ୍ରେମରେ ପଡ଼ିଲା ପରେ' ରିଲିଜ୍ ହୋଇଥିଲା । ଆରମ୍ଭରୁ ହିଁ ସେ ନିଜର ଆକ୍ଟିଂ ଦକ୍ଷତା ଦେଖାଇ ସାଉଁଟିଥିଲେ ସଫଳତା । ଆଉ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି । ସେଗୁଡ଼ିକ ହେଲା-ସରୋଜକାନ୍ତଙ୍କ ନିର୍ଦ୍ଦେଶିତ 'ଚାଲ୍ ଟିକେ ପ୍ରେମ କରିବା, ଏସ୍. ଦୀଲିପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ଲୈଲା ମୁଁ ମଜନୁ' ଏବଂ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ 'ବାବାଜୀକା ଠୁଲୁ' । ଏ ସମ୍ପର୍କରେ ଦେବରାଜ କହନ୍ତି, 'ଏହି ତିନୋଟି ଫିଲ୍ମର କାହାଣୀ ଭିନ୍ନ ଧରଣର ଏବଂ ମୋତେ ମିଳିଥିବା ଭୂମିକାଗୁଡିକରେ ନୂତନତ୍ୱ ରହିଛି । 'ବାବାଜୀକା ଠୁଲୁ'ରେ ମୋତେ ଝିଅ ଗେଟ୍‌ଅପରେ ଦର୍ଶକ ଦେଖିବାକୁ ପାଇବେ । ଅନ୍ୟ ଦୁଇଟି ସିନେମାରେ ମୋତେ ମିଳିଛି ଭିନ୍ନ ଧରଣର ରୋମାଣ୍ଟିକ୍ ଭୂମିକା । କେବଳ ଏହି ତିନୋଟି ଫିଲ୍ମ ନୁହେଁ, ମୋ ଭୂମିକାଗୁଡିକ ମଧ୍ୟ ଦର୍ଶକଙ୍କୁ ଡିଫରେଣ୍ଟ ଟେଷ୍ଟ ଦେବ ବୋଲି ବିଶ୍ୱାସ ରହିଛି ।' 'ବାବାଜୀକା ଠୁଲୁ'ରେ ତାଙ୍କ ଅପୋଜିଟ୍‌ରେ ସ୍ୱାତୀ ନାୟିକା ସାଜିଥିବା ବେଳେ ଦ୍ୱିଭାଷୀ (ଓଡ଼ିଆ-ଛତିଶଗଡି) 'ତୁ ଲୈଲା ମୁଁ ମଜନୁ'ରେ ଛତିଶଗଡି ଫିଲ୍ମ ଇଣ୍ଡଷ୍ଟ୍ରିର ରୋମାଣ୍ଟିକ୍ ନାୟିକା ଆନିକେତ ଚୌହାନ ଓ ଓଡ଼ିଆ ଅଭିନେତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ଏବଂ 'ଚାଲ୍ ଟିକେ ପ୍ରେମ କରିବା'ରେ ଚିନ୍ମୟୀ ପ୍ରିୟଦର୍ଶିନୀ ଫିମେଲ୍ ଲିଡ୍‌ରେ ଅଛନ୍ତି ।



# ବାଇକ୍ ନିଶା

ଶାହୀଦ କପୁର ଏବେ ଫରେନ୍ ଟୁର୍‌ରେ ଅଛନ୍ତି । ଫ୍ୟାମିଲି ସହ ୟୁରୋପ ବୁଲିବାକୁ ଯାଇଛନ୍ତି । ପୁଣି ସାଙ୍ଗରେ ଆଉ ଏକ ଜିନିଷ ନେବାକୁ ଭୁଲିନାହାନ୍ତି । ତାହା କ'ଣ ଜାଣନ୍ତି ? ତାଙ୍କର ବାଇକ୍ । ଅର୍ଥାତ୍ ସେଠାରେ ସେ ବାଇକ୍‌ରେ ବୁଲି ଫରେନ୍ ଟୁର୍‌ର ମଜା ନେଉଛନ୍ତି । କେବଳ ସେତିକି ନୁହେଁ, ସେଠାକାର ଦର୍ଶନୀୟ ସ୍ଥାନରେ ବାଇକ୍ ସହ ନିଜର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ ମଧ୍ୟ କରୁଛନ୍ତି । ବାଇକ୍ ପଛରେ ସାନଭାଇ ତଥା 'ଧଡକ୍' ସିନେମାରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଇଷାନ୍ ଖଟ୍ଟରଙ୍କୁ ବସାଇ ବୁଲାଉଛନ୍ତି । 'କାର୍ ଅପେକ୍ଷା ମୋତେ ବାଇକ୍‌ରେ ବୁଲିବାକୁ ମଜା ଲାଗେ । ତେଣୁ ମୁଁ ସାଙ୍ଗରେ ମୋ ପ୍ରିୟ ବାଇକ୍ ଆଣି ଆସିଛି । ଏହି ଫରେନ୍ ଟୁର୍ ମୋ ପାଇଁ ନିଶ୍ଚୟ ସ୍ମୃତି ହୋଇ ରହିବ ବୋଲି କହିଛନ୍ତି ଶାହୀଦ ।'





# କଳା ଚଷମା ପିନ୍ଧିବେନି ନର୍ଗିସ

କଳା ଚଷମା ପାଇଁ ନିକଟରେ ନର୍ଗିସ ଫକ୍ରିଙ୍କୁ ହଟହଟା ହେବାକୁ ପଡ଼ିଥିଲା । କଥା କ'ଣ କି, ଏକ ଟାଇଟଲ୍‌ବିହୀନ ଫିଲ୍ମରେ ସେ ଏବେ ଅଭିନୟ କରୁଛନ୍ତି । ଏଥିରେ ଏକ ସିକ୍ୱେନ୍ସରେ ତାଙ୍କୁ ଚଷମା ପିନ୍ଧିବାକୁ ପଡ଼ିଲା । ହେଲେ ଯେତେବେଳେ ସେ ଚଷମା ପିନ୍ଧିଲେ ତାଙ୍କୁ କେମିତି କେମିତି ଲାଗିଲା । ଶେଷକୁ ଏମିତି ହେଲା ଯେ ନିର୍ଦ୍ଦେଶକ ସିକ୍ୱେନ୍ସରେ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ । 'ସତ କଥା ହେଲା, ମୁଁ କେବେ କଳା ଚଷମା ପିନ୍ଧେନା । କାରଣ ଏପରି ଚଷମା ପିନ୍ଧିଲେ ମୋତେ କମ୍ଫର୍ଟେବଲ ଲାଗେନା । ମୋତେ ଲାଗେ ସତେଯେମିତି ମୋ ଆଖିକୁ ଚଷମା ମ୍ୟାଚ୍ କରୁନି ।'

# ତବୁଙ୍କ ଖୁସି

ଭୂମିକାଟି ଯେଉଁଭଳି ହେଉନା କାହିଁକି ତାକୁ ନେଇ ଆଣି ଥୋଇବାରେ ତବୁ ବେଶ୍ ପାରଙ୍ଗମ । ନିକଟରେ ତାଙ୍କ ଅଭିନୀତ 'ଅନ୍ଧାଧୁନ୍' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ଏହି ଫିଲ୍ମ ଖୁବ୍‌ଶୀଘ୍ର ଲସ୍‌ଏଞ୍ଜେଲ୍ସ ଏବଂ ମେଲବୋର୍ନଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ଯାଉଛି । ଏ କଥା ଶୁଣିବା ପରେ ତବୁଙ୍କ ଖୁସି କହିଲେ ନ ସରେ । ଏ ବିଷୟରେ ସେ କହନ୍ତି, 'ଯେତେବେଳେ ଏହି ଫିଲ୍ମର ଶୁଟିଂ ଚାଲିଥିଲା ସେତେବେଳେ ମୁଁ ଏ କଥା ପୂର୍ବାନୁମାନ କରିଥିଲି ଯେ, ଫିଲ୍ମଟି ନିଶ୍ଚୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବ । ଆଜି ଏହା ସତରେ ପରିଣତ ହୋଇଛି । ଫିଲ୍ମଟି ସେଠାରେ ନିଶ୍ଚୟ ଦର୍ଶକ ଏବଂ ଜୁରିଙ୍କୁ ପ୍ରଭାବିତ କରିବ ବୋଲି ମୋର ଆଶା ରହିଛି ।' ଏହି ଫିଲ୍ମରେ ତବୁଙ୍କ ବ୍ୟତୀତ ଆୟୁଷ୍ମାନ ଖୁରାନା, ରାଧିକା ଆପ୍ଟେ ମଧ୍ୟ ଅଭିନୟ କରିଛନ୍ତି ।





# ହୋମ୍‌ସିକ୍ ଦିଶା

ଦିଶା ପଟାନି ଏବେ ଘରେ ସମୟ କଟାଉଛନ୍ତି । ହାତରେ ତ ଫିଲ୍ମ ନାହିଁ । ଯେଉଁ କେତୋଟି ଫିଲ୍ମ ସାଇନ୍ କରିଛନ୍ତି, ତାହା ଆସନ୍ତା ମାସରୁ ଶୁଟିଂ ଆରମ୍ଭ ହେବ । ତେଣୁ ଏହି ସମୟ ସେ ପରିବାର ସହ କଟାଇବାକୁ ସ୍ଥିର କରିଛନ୍ତି । ତା'ସହ ପ୍ରତିଦିନ କିଛି କିଛି ଶପିଂ କରିବାକୁ ବାହାରି ଯାଉଛନ୍ତି ଏବଂ ସମୟ ଦେଖି ଘରେ ସାଙ୍ଗସାଥିଙ୍କୁ ଡାକି ଭୋଜିଭାତର ଆସର ବି ଚାଲିଛି । ଏ ସମ୍ପର୍କରେ ଦିଶା କୁହନ୍ତି, 'ଏବେ କିଛି ସପ୍ତାହ ମୋତେ ଶୁଟିଂରୁ ବ୍ରେକ୍ ମିଳିଛି । ତେଣୁ ଏହି ସମୟ ମୁଁ ମୋ ଫ୍ୟାମିଲି ସହ କଟାଇବି । ତା' ସହ ସାଙ୍ଗସାଥିଙ୍କୁ ଘରକୁ ଡାକି ଲଞ୍ଚ୍ ହେଉ କି ଡିନରରେ ଆପ୍ୟାୟିତ କରୁଛି । କାରଣ ଅଭିନୟ ବ୍ୟତୀତ ମୋତେ ରୋଷେଇ କରିବାକୁ ଭଲ ଲାଗେ । ତେଣୁ ମନପସନ୍ଦର ଖାଦ୍ୟ ମୁଁ ନିଜେ ପ୍ରସ୍ତୁତ କରି ପରିବାର ଲୋକ ଏବଂ ସାଙ୍ଗସାଥିଙ୍କୁ ଖୁଆଉଛି ।' ଦିଶା ନିକଟରେ 'ମଲଙ୍ଗ' ଟାଇଟଲ୍‌ବିଶିଷ୍ଟ ଏକ ଫିଲ୍ମରେ ସାଇନ୍ କରିଛନ୍ତି ।

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ମା’ ହାତରେ ଦେଇଥିଲି



**ଶିଶୁ ସାହିତ୍ୟିକ, ବ୍ୟଙ୍ଗକବି, ପ୍ରାବନ୍ଧିକ ତଥା ଲେଖକ କବିଜ୍ୟୋତି ନିରଞ୍ଜନ ପତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ମୋ ବାପା କଟକରେ ଚାକିରି କରୁଥିଲେ । ତେଣୁ ମୋ ଜନ୍ମ ସେହି କଟକରେ ହିଁ ହୋଇଥିଲା । ସେଠାରେ ଶୈଶବର କିଛି ବର୍ଷ କଟାଇବା ପରେ ଆମ ଗାଁ ଢେଙ୍କାନାଳକୁ ପଳେଇ ଆସିଲି । ଢେଙ୍କାନାଳ ଜିଲାର ଯୋରନ୍ଦା ନିକଟସ୍ଥ ବାଇଁଶିଆରେ ହାଇସ୍କୁଲ୍ ଶିକ୍ଷା ସମାପ୍ତ ହେବା ପରେ କେନ୍ଦ୍ରାପଡା ମହାବିଦ୍ୟାଳୟରେ ଆଇ.କମ୍ ଓ ବି.କମ୍ ପଢ଼ିଥିଲି । ଏହିଠାରେ ହିଁ ମୋର ଲେଖାଲେଖିର ମଧୁର ଉନ୍ମେଷ ଘଟିଥିଲା । ୩ୟ/୪ର୍ଥରେ ପଢ଼ିଲାବେଳେ ମା’ଙ୍କ ପାଖରୁ ଗୀତରେ ଚିଠି ଲେଖି କବିତା ରଚନା କରିବାର ଶୈଳୀ ପ୍ରଥମେ ଶିଖିଥିଲି । ତା’ ସହିତ ସେତେବେଳେ ମାଟିଲିପା କାନ୍ଥରେ ଅଙ୍ଗାର ଓ ଚକ୍‌ରେ ବିଭିନ୍ନ ମହାପୁରୁଷଙ୍କ ଚିତ୍ର ବି ଆଙ୍କୁଥିଲି । ଆଉ ଯେବେ କେନ୍ଦ୍ରାପଡା ମହାବିଦ୍ୟାଳୟରେ ପଢ଼ିଲି ସେଠାରେ ଡ. ରାମଚନ୍ଦ୍ର ବେହେରା, କବି ଦୀପକ ମିଶ୍ର, ରାମଚନ୍ଦ୍ର ସାହୁ(ରତ)ଙ୍କ ଲେଖାରେ ପ୍ରଭାବିତ ହୋଇ ମୁଁ ବି କବିତା ଲେଖିବା ଆରମ୍ଭ କଲି । ସେମାନେ ମୋର ଗୁରୁ ଓ ଦିଗ୍‌ଦର୍ଶକ ଥିଲେ । କଲେଜର ମୁଖପତ୍ର ‘ବଳୟ’ ଓ ହଷ୍ଟେଲ ମାଗାଜିନ୍ ‘ସାଗରିକା’ରେ ମୋ ଲେଖା ପ୍ରକାଶର ଅୟମାରମ୍ଭ ଘଟିଥିଲା । ସେହିପରି ଲାଇବ୍ରେରିର ୱାଲ ମାଗାଜିନ୍‌ରେ ମୋ ଲେଖା ପଢି ସାଙ୍ଗସାଥିମାନେ ଖୁବ୍ ପ୍ରଶଂସା କରୁଥିଲେ । କବିତା ସହିତ ଏହି ସମୟରେ ଚିତ୍ର ଆଙ୍କିବାର ନୂଆ କୌଶଳ ବି ମୁଁ ଶିଖିଥିଲି । କାରଣ କେନ୍ଦ୍ରାପଡା ମହାବିଦ୍ୟାଳୟର କମର୍ସ ଡିପାର୍ଟମେଣ୍ଟରେ ଅଜୟ ସାର୍ ବୋଲି ଜଣେ ସାର୍ ଥିଲେ । ଅଜୟ ସାର୍ ଓ ତାଙ୍କ ଧର୍ମପତ୍ନୀ ଖୁବ୍ ଭଲ ଚିତ୍ର ଆଙ୍କୁଥିଲେ । ତାଙ୍କଠାରୁ ଅନେକ କିଛି ଶିଖିବାକୁ ମୋତେ ମିଳିଥିଲା । ଏମିତିରେ ମୋର ବି.କମ୍ ପଢ଼ା ସରିବା ପରେ ମୁଁ ବି.ଇଡି କଲି । ଆଉ ଏହି ବି.ଇଡି ପଢା ସମୟରେ ବି.ଇଡି ଓ ସିଟି ପିଲାଙ୍କର ପାଠ୍ୟ ଉପକରଣ ଚିତ୍ର ଆଙ୍କି କିଛି କିଛି ଟଙ୍କା ରୋଜଗାର କରିଥିଲି । ସେତେବେଳେ ଆମ ଘରର ଚଳଣି ଭଲ ନ ଥିଲା । ତେଣୁ ସେହି ଟଙ୍କାରୁ କିଛି ଘରଖର୍ଚ୍ଚ ପାଇଁ ପଠାଇବା ସହ ବାପାଙ୍କ ଲାଗି ନୂଆ ପ୍ୟାଣ୍ଟଶାର୍ଟ ହଳେ ତିଆରି କରିଥିଲି । ବାକି ଯାହା ବଳିଥିଲା ତାହା ମୋ ପଢ଼ାରେ ଖର୍ଚ୍ଚ ହୋଇଥିଲା । ଏମିତି କିଛିଦିନ ଯିବା ପରେ ୧୯୯୦ ମସିହାରୁ ଅନୁଗୋଳରେ ମୋର ଶିକ୍ଷକତା ଜୀବନ ଆରମ୍ଭ ହେଲା । ସେତେବେଳେ ଦରମା ଖୁବ୍ କମ୍ ମିଳୁଥିଲା । ପ୍ରଥମ ମାସର ଦରମା ଯେବେ ମା’ ହାତରେ ନେଇ ଦେଲି ଖୁସିରେ ତା’ ଆଖିରୁ ଦୁଇ ଟୋପା ଲୁହ ଝରିଆସିଥିଲା । ପରେ ମା’ ସେହି ଟଙ୍କାରେ ଠାକୁରଙ୍କ ପାଖେ ଭୋଗ କରିଥିଲା । ଆଉ ଯାହା ବଳିଥିଲା ସେଥିରେ ଚକୋଲେଟ୍ କିଣି ପାଖ ସ୍କୁଲ୍ ପିଲାଙ୍କୁ ବାଣ୍ଟିଥିଲା । ତେଣୁ ପ୍ରଥମ ମାସରେ ମା’ ପାଇଁ ଶାଢ଼ି କିଣିବାର ଇଚ୍ଛା ମୋର ପୂରଣ ହୋଇପାରିଲା ନାହିଁ । ତେଣୁ ଦ୍ୱିତୀୟ ମାସ ଦରମା ପାଇଲା ପରେ ଆଗେ ମା’ଙ୍କୁ ଗୋଟିଏ ଶାଢ଼ି କିଣି ଦେଇଥିଲି । ୟା’ ଭିତରେ ବେଶ୍ କିଛି ବର୍ଷ ବିତି ଗଲାଣି । ଚାକିରି କ୍ଷେତ୍ରରେ ପ୍ରମୋଶନ ପାଇ ମୁଁ ଭଲ ଦରମା ବି ପାଇଲିଣି । ଲେଖାଲେଖି ଦିଗରେ ବି ଅନେକ ପଥ ଅତିକ୍ରମ କରିସାରିଲିଣି । ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ମୋର ଅନେକ କବିତା, ଗପ, ପ୍ରବନ୍ଧ, ରମ୍ୟରଚନା, ବ୍ୟଙ୍ଗ କବିତା, ଗୀତି କବିତା, ଶିଶୁ ସାହିତ୍ୟ, ରଚନା ଆଦି ପ୍ରକାଶିତ ହୋଇସାରିଲାଣି । ପ୍ରକାଶକମାନଙ୍କ ସହାୟତା ଓ ନିଜସ୍ୱ ଉଦ୍ୟମରେ ୧୪ଟି ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଲାଣି । ସେହିପରି ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ହୋଇ ଅନେକ ସମ୍ମାନ ଓ ଉପାଧି ବି ପାଇସାରିଲାଣି । କିନ୍ତୁ ଏତେସବୁ ଖୁସି ଭିତରେ ମୋର ଗୋଟିଏ ଦୁଃଖ ରହିଯାଇଛି, ତାହା ହେଉଛି ଏବେ ମୋ ମା’ବାପା ନାହାନ୍ତି, ସେମାନେ ଆରପାରିକୁ ଚାଲିଗଲେଣି । ହେଲେ ତାଙ୍କ ସ୍ନେହ, ବାତ୍ସଲ୍ୟ, ମମତାକୁ ମୁଁ ଆଜି ବି ଝୁରି ହେଉଛି । ଅନ୍ୟପକ୍ଷେ ଗାଁଠାରୁ ଦୂରରେ ରହୁଥିଲେ ବି ଗାଁ ମାଟିର ମୋହ ମୋତେ ଏବେ ବି ବାନ୍ଧିରଖିଛି । ବ୍ୟସ୍ତବହୁଳ ଜୀବନରୁ ଯେବେ ବି ଟିକେ ସମୟ ପାଉଛି ଗାଁଆଡ଼େ ଟିକେ ବୁଲି ଆସିଲେ ମୋତେ ଖୁବ୍ ଆତ୍ମସନ୍ତୋଷ ମିଳୁଛି ।

# ଅଳ୍ପ ଖରା ଅଳ୍ପ ଛାଇ, ସିଆଣୀ ରାଧିକା ଭାରି ଫୁଲେଇ



ସାଥୀ

**ପ୍ରଶ୍ନ**—ମୋ ପ୍ରେମିକା ଭାରି ସିଆଣୀ ଆଉ ଫୁଲେଇ । ସେ ଏମିତି କାହିଁକି ହୁଏ କହିବେ କି ସାଥୀ ?

*–ପ୍ରସନ୍ନ ଦାସ, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରେମିକା ସିଆଣୀ ଆଉ ଫୁଲେଇ । ତା’ ଭିତରେ ହିଁ ଅସଲ ଭଲ ପାଇବା ଲୁଚି ରହିଛି । ଯଦି ପ୍ରେମ ଗାଡି ଫୁଲ୍ ସ୍ପିଡ୍‌ରେ ଚାଲିଛି ଆଉ ତା’ଭିତରେ ସେ ଏମିତି ନଖରାମି କରୁଛି ତେବେ ତାକୁ ଥଣ୍ଡା ମିଜାସ୍‌ରେ ନିଅନ୍ତୁ ନା ! ‘ଅଳ୍ପ ଖରା ଅଳ୍ପ ଛାଇ, ସିଆଣୀ ପ୍ରେମିକା ଭାରି ଫୁଲେଇ ।’ ବାସ୍, ପ୍ରେମିକା ସହ ଚାବିପେଣ୍ଠା ପରି ଯୋଡି ହୋଇ ରହନ୍ତୁ ।

**ପ୍ରଶ୍ନ**—କହିବେ କି ସାଥୀ, ଅବୁଝା ପ୍ରେମିକାକୁ ବୁଝାଇବା କାହିଁକି କଷ୍ଟସାଧ୍ୟ ହୋଇଥାଏ ।

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** କଥାରେ ଅଛି ଚେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ ? ଯଦି ସବୁ ଜାଣି ସବୁ ବୁଝି ପ୍ରେମିକା ଅବୁଝା ହେଲା ତେବେ ତାକୁ ଯେମିତି ବୁଝାଇଲେ ଫଳ ଶୂନ । ବେଳେବେଳେ ଏପରି ଲୁଚକାଳି ଖେଳ ବେଶ୍ ମଜା ଦେଇଥାଏ, ହେଲେ ଏମିତି ସମୟ ଆସେ ସାମାନ୍ୟ ବୁଝାମଣା ଅଭାବରୁ ପ୍ରେମର ମୀନାର ତାସଘର ପରି ଭୁଶୁଡି ପଡିଥାଏ । ଯଦି ପରିସ୍ଥିତି ଜଟିଳ ତେବେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ।

**ପ୍ରଶ୍ନ**—ଜଣେ ଝିଅକୁ ନ ଦେଖି ପ୍ରେମ କରିବା ଠିକ୍ ହେବ କି ?

*–ସାରଥୀ ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର:** ଝିଅ ନ ଦେଖି ଭଲ ପାଆନ୍ତୁ କିଛି ପ୍ରୋବ୍ଲେମ ନାହିଁ, ହେଲେ ଥରେ ସାମ୍ନା ସାମ୍ନି ହୋଇଗଲେ ମନ ଭିତରେ ଥିବା ପ୍ରଶ୍ନଗୁଡିକ ସମାଧାନର ବାଟ ପାଇଯାଇଥାଏ । କିନ୍ତୁ ପ୍ରେମ ପରେ ଯଦି ପ୍ରେମିକା ସହ ଦୀର୍ଘ ଦିନ ଭେଟ ନ ହେଲା ତେବେ ତାହାର ମଜା ନିଆରା । କାରଣ ଦେଲେ ଧରା କଥା ସରେ, ଥାଏ ମଜା ଦୂରେ ଦୂରେ । ହେଲେ ମନ ଭିତରେ ପ୍ରେମିକାକୁ ସେମିତି ସ୍ୱତନ୍ତ୍ର ଆସନରେ ବସାଇଥିବେ ।

**ପ୍ରଶ୍ନ**—କାଠରେ ନିଆଁ ଲାଗିଲେ ଅଙ୍ଗାର ହୁଏ, ଠିକ୍ ସେହିପରି ହୃଦୟରେ ନିଆଁ ଲାଗିଲେ କ’ଣ ହୁଏ ?

*–ତଥାଗତ ସାହୁ, ସୋନପୁର*

**ଉତ୍ତର:** ହୃଦୟରେ ନିଆଁ ଲାଗିଲେ ସବୁ ସ୍ୱପ୍ନ, ସବୁ ଆଶା ମାଟିରେ ମିଶିଯାଏ । କାଠରେ ଲାଗିଥିବା ନିଆଁକୁ ଲିଭାଇ ହେବ, ହେଲେ ହୃଦୟରେ ନିଆଁ ଲାଗିଲେ ତାହା ସହଜରେ ତ ଲିଭି ନ ଥାଏ, ଭିତରେ ଭିତରେ କୁହୁଳି ତାହାର କାୟା ବିସ୍ତାର କରେ । ତେଣୁ ଯଦି ହୃଦୟ କାହାକୁ ଦେଇଛନ୍ତି ତେବେ ଏପରି ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ, ଯାହାଦ୍ୱାରା ହୃଦୟରେ ନିଆଁ ଲାଗିବ ଆଉ ଆପଣ ସାରା ଜୀବନ ସନ୍ତୁଳି ହେଉଥିବେ ।

**ପ୍ରଶ୍ନ**—ପ୍ରେମ ନିଶା ଥରେ ଧରିଲେ ସହଜରେ ଛାଡେନା କାହିଁକି ?

*–ଅଜିତ କୁମାର, ବ୍ରହ୍ମପୁର*

**ଉତ୍ତର:** ପ୍ୟାର୍‌କା ଲଡ୍ଡୁ ଜୋ ଖାୟା ୱୋ ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା । ତେଣୁ ପ୍ରେମ ନିଶା ଏତେ ସହଜରେ ଧରେ ନାହିଁ, ଆଉ ଥରେ ଧରିଲେ ସେଥିରୁ ମୁକୁଳିବା ବାଟ ପାଇବା କଷ୍ଟକର । ହେଲେ ଯିଏ ପ୍ରେମର ଅସଲ ଫର୍ମୁଲା ଆପ୍ଲାଏ କରେ ସେ ଏହାର ଅସଲ ମଜା ନେଇଥାଏ ।

# ଆମ ତ୍ରିରଙ୍ଗା


ପିଙ୍ଗଲି ଭେଙ୍କୟା

**ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଓ ଗୌରବ। ଫର୍ ଫର୍ ହୋଇ ଉଡୁଥିବା ତ୍ରିରଙ୍ଗାକୁ ଦେଖିଲେ ସ୍ୱାଧୀନ ଦେଶର ନାଗରିକ ଭାବେ ଆତ୍ମସନ୍ତୋଷ ମିଳେ। ହାତରେ ଧରିଦେଲେ ସ୍ୱାଧୀନତା ପାଇଁ ହୋଇଥିବା ସଂଘର୍ଷର କାହାଣୀ ସବୁ ତାଜା ହୋଇଯାଏ ମନରେ। ଏଇ ତ୍ରିରଙ୍ଗାକୁ ନେଇ ଅନେକ କଥା ଜଡିତ ରହିଛି, ଯାହା ସମ୍ପର୍କରେ ସବୁ ଭାରତୀୟ ଜାଣିବା ଉଚିତ...**


ଭିକାଜୀ କାମା

**ତ୍ରିରଙ୍ଗାର ପରିବର୍ତ୍ତିତ ରୂପ–** ଭାରତ ପରାଧୀନ ଥିବା ତଥା ସ୍ୱାଧୀନତା ପାଇଁ ସଂଘର୍ଷ କରୁଥିବା ସମୟରେ ବିଭିନ୍ନ ପତାକାର ବ୍ୟବହାର ହୋଇଥିଲା। ୧୯୦୬ ଅଗଷ୍ଟ ୭ କଲିକତାରେ ଉତ୍ତୋଳନ ହୋଇଥିବା ପ୍ରଥମ ପତାକା ସବୁଜ ହଳଦିଆ ଓ ଲାଲ ରଙ୍ଗର ସମାନ୍ତରାଳ ପଟି ଭଳି ଥିଲା, ଯାହାର ମଝିରେ ବନ୍ଦେ ମାତରମ୍ ଲେଖାଥିଲା। ତଳ ପଟିରେ ଚନ୍ଦ୍ର, ସୂର୍ଯ୍ୟ ଚିତ୍ର ଥିଲା। ୧୯୦୭ ଅଗଷ୍ଟ ୨୨ରେ ଜର୍ମାନୀର ଷ୍ଟୁଟଗାର୍ଟରେ ହୋଇଥିବା ଦ୍ୱିତୀୟ ସୋସିଆଲିଷ୍ଟ ଇଣ୍ଟରନ୍ୟାଶନାଲ ସମିଟରେ ମ୍ୟାଡାମ୍ ଭିକାଜୀ କାମା ବିଦେଶ ମାଟିରେ ପ୍ରଥମ ଥର ପାଇଁ ସାମାନ୍ୟ ପରିବର୍ତ୍ତନ କରି ତିଆରି କରାଯାଇଥିବା ଭାରତୀୟ ପତାକାକୁ ଉତ୍ତୋଳନ କରିଥିଲେ। ୧୯୧୭ରେ ଆସିଥିଲା ତୃତୀୟ ପ୍ରକାରର ପତାକା, ଯାହାକୁ ବାଲ୍ ଗଙ୍ଗାଧର ତିଲକ ବ୍ୟବହାର କରିଥିଲେ। ଏହି ପତାକାରେ ଲାଲ ଓ ସବୁଜ ରଙ୍ଗର ସମାନ୍ତରାଳ ପଟି ଥିଲା। ବାମ ପାର୍ଶ୍ୱର ଉପରଭାଗରେ ୟୁନିୟନ ଜ୍ୟାକ୍ ଓ ଡାହାଣ ପାର୍ଶ୍ୱ ଉପରଭାଗରେ କ୍ରିସେଣ୍ଟ ଚିହ୍ନ ଥିଲା। ଏଥିରେ ସପ୍ତଋଷିଙ୍କ ପ୍ରତୀକସ୍ୱରୂପ ୭ଟି ତାରା ବି ଥିଲା। ୧୯୨୧ରେ ଧଳା, ସବୁଜ ଓ ଲାଲ ରଙ୍ଗର ସମାନ୍ତରାଳ ପଟି ଥିବା ପତାକା ବ୍ୟବହାର କରାଗଲା, ଯାହାର ମଝିରେ ଚରଖା ଚିତ୍ର ଥିଲା। ତେବେ ବର୍ତ୍ତମାନର ଆମର ଜାତୀୟ ପତାକାକୁ ଆନ୍ଧ୍ରପ୍ରଦେଶର ପିଙ୍ଗଲି ଭେଙ୍କୟା ନାମକ ଏଜୁକେନିଷ୍ଟ ତଥା ସ୍ୱାଧୀନତା ସଂଗ୍ରାମୀ ଡିଜାଇନ୍ କରିଥିଲେ। ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ବର୍ତ୍ତମାନର ଜାତୀୟ ପତାକାର ମାନ୍ୟତା ପ୍ରଦାନ କରାଗଲା।

**ତ୍ରିରଙ୍ଗା ପାଇଁ ଖଦି–** ତ୍ରିରଙ୍ଗା କେବଳ ଖଦି କପଡ଼ାରେ ତିଆରି କରାଯାଇଥାଏ। ଅନ୍ୟ କେଉଁ ସାମଗ୍ରୀରେ ତିଆରି କରାଯିବାକୁ ଅପରାଧ ଧରାଯାଏ। ହୁବଲିସ୍ଥ କର୍ନାଟକ ଖଦି ଗ୍ରାମୋଦ୍ୟୋଗ ସଂଯୁକ୍ତ ସଂଘକୁ ହିଁ ଜାତୀୟ ପତାକା ତିଆରି କରିବାର ଅଧିକାର ଦିଆଯାଇଛି।

**ତ୍ରିରଙ୍ଗା ଉଡାଇବା କଟକଣା–** ୨୦୦୨ ପୂର୍ବରୁ ଭାରତର ସାଧାରଣ ନାଗରିକଙ୍କୁ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ବ୍ୟତୀତ ଅନ୍ୟ କୌଣସି ଦିନରେ ଜାତୀୟ ପତାକା ଉତ୍ତୋଳନ କରିବା ଅଧିକାର ନ ଥିଲା। କିନ୍ତୁ ୨୦୦୨ରେ ସୁପ୍ରିମ କୋର୍ଟ ରାୟ ଦେଇଥିଲେ ଯେ, ଭାରତର ଯେକୌଣସି ନାଗରିକ ଫ୍ଲାଗ୍ କୋଡ୍ ଅନୁଯାୟୀ କେବେବି ପତାକା ଉତ୍ତୋଳନ କରିପାରିବେ।

**ପୃଥିବୀର ସବୁଠାରୁ ବଡ଼ ମାନବ ପତାକା–** ୨୦୧୪ ଡିସେମ୍ବର ୭ରେ ଚେନ୍ନାଇର ନନ୍ଦନମ୍ ୱାଇଏମ୍‌ସିଏ ଗ୍ରାଉଣ୍ଡରେ ସବୁଠାରୁ ବଡ଼ ମାନବ ପତାକା ତିଆରି କରାଯାଇଥିଲା। ଫଳରେ ଭାରତୀୟ ପତାକା ଗିନିଜ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦୦୦ରୁ ଅଧିକ ସ୍ୱେଚ୍ଛାକର୍ମୀ ଅଂଶଗ୍ରହଣ କରିଥିଲେ।

**ଚନ୍ଦ୍ରରେ ତ୍ରିରଙ୍ଗା–** ୨୦୦୮ ନଭେମ୍ବର ୧୪ରେ ଭାରତ ଚନ୍ଦ୍ରକୁ ନିଜର ଜାତୀୟ ପତାକା ପଠାଇବାରେ ହେଲା ୪ର୍ଥ ଦେଶ। ଚନ୍ଦ୍ରୟାନ-୧ର ମୁନ୍ ଇମ୍ପାକ୍ଟ ପ୍ରୋବ(ଏମ୍‌ଆଇପି) ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ କ୍ରାସ୍ ଲ୍ୟାଣ୍ଡ କରିଥିଲା। ସେହି ପ୍ରୋବ୍‌ର ଚାରିପଟେ ତ୍ରିରଙ୍ଗାର ଚିହ୍ନ ଥିଲା। ଏମିତି ଭାବେ ତ୍ରିରଙ୍ଗା ଯାଇ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥିଲା।

**ପୃଥିବୀର ସର୍ବୋଚ୍ଚ ସ୍ଥାନରେ ତ୍ରିରଙ୍ଗା–** ତେନଜିଙ୍ଗ ନରଗେ ୧୯୫୩ ମେ ୨୯ରେ ସପ୍ତମ ପ୍ରୟାସରେ ମାଉଣ୍ଟ ଏଭରେଷ୍ଟର ସର୍ବୋଚ୍ଚ ଶିଖରରେ ପହଞ୍ଚିପାରିଥିଲେ। ପହଞ୍ଚିବା ପରେ ସେଠାରେ ସେ ଆମର ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ସେହି ସମୟରେ ୟୁନିୟନ ଜ୍ୟାକ୍ ଓ ନେପାଳର ଜାତୀୟ ପତାକା ବି ଉତ୍ତୋଳନ ହୋଇଥିଲା।

**ତ୍ରିରଙ୍ଗା ସହ ସାମଞ୍ଜସ୍ୟ ଥିବା ଅନ୍ୟ ଦେଶର ପତାକା–** ତ୍ରିରଙ୍ଗାର ତିନି ରଙ୍ଗ ସହ ସାମଞ୍ଜସ୍ୟ ଥିବା ଅନ୍ୟ ଦେଶର ପତାକା ବି ଅଛି। ତେବେ ସବୁଠାରୁ ଅଧିକ ସାମଞ୍ଜସ୍ୟ ଥିବା ପତାକା ହେଉଛି ନାଇଜର୍‌ର।


ତେନଜିଙ୍ଗ ନରଗେ





ସବୁଠୁ ବଡ଼ ମାନବ ତ୍ରିରଙ୍ଗା





ଭାରତୀୟ ପତାକାର ପରିବର୍ତ୍ତିତ ରୂପ



ଅଙ୍କିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଡର ଲାଗୁଛି

ରାତିରେ ସ୍ତ୍ରୀ-ହେଇଟି ଶୁଣୁଛ, ମୋ ଆଡେ ମୁହଁ କରି ଟିକେ ଶୋଇଲ। ମତେ ଭାରି ଡର ଲାଗୁଛି।
ସ୍ୱାମୀ- ତମେ ଖାଲି ତମ ନିଜ କଥା ଭାବ। ମୁଁ ପଛେ ରାତି ସାରା ତମକୁ ଦେଖି ଡରିକି ଶୋଇ ନ ପାରେ।

## ସ୍ୱପ୍ନ

ସ୍ୱାମୀ- କାଲି ରାତିରେ ମୋ ସ୍ୱପ୍ନରେ ଗୋଟେ ସୁନ୍ଦର ଝିଅ ଆସିଥିଲା।
ସ୍ତ୍ରୀ-ସେ ନିଶ୍ଚିତ ଭାବେ ଏକୁଟିଆ ଆସିଥିବ।
ସ୍ୱାମୀ-ହଁ, ହେଲେ ତମେ କେମିତି ଜାଣିଲ ?
ସ୍ତ୍ରୀ-କାହିଁକି ନା ତା' ସ୍ୱାମୀ ମୋ ସ୍ୱପ୍ନରେ ଆସିଥିଲେ।

## ଚାନ୍ଦ

ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥିବା ଜଣେ ସୁନ୍ଦରୀ ଯୁବତୀକୁ ଦେଖି ଜଣେ ଯୁବକ- ଚାନ୍ଦ ତ ରାତିରେ ବାହାରେ ଆଜି ଦିନରେ କେମିତି ବାହାରିଛି।
ଯୁବତୀ-ପେଚା ତ ରାତିରେ ବୋବାଏ, ଆଜି ଦିନରେ କେମିତି ବୋବାଉଛି କେଜାଣି।

# ଅଗଷ୍ଟ କ୍ରାନ୍ତି ମୈଦାନ




**ମୁମ୍ବାଇସ୍ଥିତ ଯେଉଁ ମୈଦାନ ବା ପଡିଆରେ ଗାନ୍ଧିଜୀ ଭାରତ ଛାଡ ଆନ୍ଦୋଳନର ନାରାବାଜି ଦେଇଥିଲେ, ତାହା ପରବର୍ତ୍ତୀ ସମୟରେ ଅଗଷ୍ଟ କ୍ରାନ୍ତି ମୈଦାନ ଭାବେ ଜଣାଗଲା। ଅନ୍ୟପକ୍ଷେ ଏହା ଗୋଓ୍ୱାଲିୟା ଟ୍ୟାଙ୍କ ମୈଦାନ ଭାବେ ବି ପରିଚିତ...**

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡିଆରେ ସାର୍ବଜନିନ ସମ୍ମିଳନୀରେ ଭାରତ ଛାଡ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟ କ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ତେବେ ଏହି ଅଗଷ୍ଟ କ୍ରାନ୍ତି ମୈଦାନଟି ପୂର୍ବରୁ ଗୋଓ୍ୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଶୁଣାଥିଲା। କାରଣ ପୂର୍ବରୁ ଏହି ସ୍ଥାନରେ ଗାଈମାନଙ୍କୁ ଗାଧୁଆ ଯାଉଥିଲା। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, 'ଗୋ-ଓ୍ୱାଲିୟା' ଶବ୍ଦଟି ମରାଠୀ ଭାଷା 'ଗାଏ' ଏବଂ 'ଓ୍ୱାଲା'ରୁ ଉଦ୍ଧୃତ। ମରାଠୀ ଭାଷାରେ 'ଗାଏ' ଶବ୍ଦର ଅର୍ଥ ଗାଈ ଏବଂ 'ଓ୍ୱାଲା/ଓ୍ୱାଲି'ର ଅର୍ଥ ଗାଈର ମାଲିକ। ତେଣୁ ଏଠାରେ ଥିବା ପାଣିଟାଙ୍କି ପାଖରେ ଗାଈମାନଙ୍କୁ ଗାଧୋଇ ଦେବା ପାଇଁ ପୁର୍ବରୁ ଗାଈ ମାଲିକମାନେ ଏଠାରେ ଭିଡ଼ ଜମାଉଥିଲେ। ଏବେ ବି ସେହି ପାଣି ଟାଙ୍କି ଏହି ମୈଦାନ ନିକଟରେ ଥିବାର ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ମୈଦାନଟି ଏକଦା ମୁମ୍ବାଇରେ ଚାଲୁଥିବା ଟ୍ରାମ୍‌ଗୁଡ଼ିକର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଷ୍ଟେଶନ ଥିଲା।




### ମୈଦାନର ବର୍ତ୍ତମାନ ଅବସ୍ଥା

ବର୍ତ୍ତମାନ ଏହି ମୈଦାନଟି ପାଞ୍ଚ ଭାଗରେ ବିଭକ୍ତ। ତନ୍ମଧ୍ୟରୁ ସବୁଠୁ ବଡ଼ ଭାଗଟି ଖେଳ ପଡିଆରେ ପରିଣତ ହୋଇଛି, ଯେଉଁଠାରେ ମୁଖ୍ୟତଃ କ୍ରିକେଟ୍ ଖେଳାଯାଇଥାଏ। ଆଉ ବର୍ଷାଦିନେ ଫୁଟ୍‌ବଲ ଓ ଭଲିବଲ୍ ଖେଳିବା ପାଇଁ ଯୁବପିଢ଼ିଙ୍କର ଏଠାରେ ବେଶ୍ ଭିଡ଼ ଜମେ। ସେହିପରି ଆଉ ଏକ ଭାଗରେ ଛୋଟ ଛୋଟ ଛୁଆମାନଙ୍କ ଖେଳିବା ପାଇଁ ଛୋଟ ଖେଳପଡିଆଟିଏ ରହିଛି। ବୟସ୍କଙ୍କ ବସାଉଠା ପାଇଁ ଅନ୍ୟ ଏକ ଭାଗରେ ପାର୍କଟିଏ ବି ଗଢାଯାଇଛି। ଅନ୍ୟପକ୍ଷେ ନିକଟରେ ଥିବା ଫେଲୋଶିପ୍ ସ୍କୁଲ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବି ଏହି ମୈଦାନରେ ଗୋଟେ ଭାଗ ଛଡ଼ାଯାଇଛି। ଶେଷରେ ଆଉ ଏକ ଭାଗରେ ସ୍ମାରକୀ ସ୍ତମ୍ଭକୁ ସ୍ଥାନ ଦିଆଯାଇଛି। ଆଉ ଏହି ସ୍ମାରକୀ ସ୍ତମ୍ଭ ନିକଟରେ ପ୍ରତିବର୍ଷ ସେହି କ୍ରାନ୍ତିକାରୀ ଘଟଣାକୁ ସ୍ମରଣ କରି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହାକୁ ଦେଖିବା ପାଇଁ ଲୋକମାନଙ୍କର ଏଠାରେ ବେଶ୍ ଭିଡ଼ ଜମେ।



### କେବେ ଓ କେମିତି ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲିବାକୁ ଯାଇହେବ। ତେବେ ଖାସ୍ କରି ବିଭିନ୍ନ ସ୍ମରଣୀୟ ଦିବସ ସମୟରେ ଏଠାକୁ ଗଲେ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ମିଳିବ। ସେହିପରି ଏଠାକୁ ଯିବାପାଇଁ ବି ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଗ୍ରାଣ୍ଟ ରୋଡ୍ ରେଲଓ୍ୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଲଷ୍ଟେଶନ। ସେହିପରି ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍‌ରେ ବି ଆସି ସହଜରେ ଏହି ମୈଦାନ ନିକଟରେ ପହଞ୍ଚିହେବ।











# ଭଉଣୀର ରାଖୀ ଉପହାର



ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧେ। ଭାଇ ପ୍ରତିବଦଳରେ ପ୍ରତିଶ୍ରୁତି ଦିଏ ସବୁ ବିପଦ ଆପଦରେ ଭଉଣୀକୁ ସୁରକ୍ଷା ପ୍ରଦାନ କରିବ। ତା'ସହ ଭଉଣୀ ହାତକୁ ବଢେଇ ଦିଏ ସ୍ନେହଭରା ଏକ ଉପହାର। ହେଲେ ଏହି ପୁରୁଣା ପରମ୍ପରାକୁ ଭାଙ୍ଗିଛନ୍ତି ଜଣେ ମହିଳା। ସେ ନିଜ ଭାଇଙ୍କୁ ଦେଇଛନ୍ତି ଉପହାର। ସେ ପୁଣି କୌଣସି ସାଧାରଣ ଉପହାର ନୁହେଁ। ବରଂ ଜୀବନର ଉପହାର। ସେହି ଭଉଣୀ ଜଣକ ହେଉଛନ୍ତି ଆଗ୍ରାର ବନ୍ଦନା ଚନ୍ଦ୍ରା। ତାଙ୍କ ସାନ ଭାଇ ବିବେକ ସରାଭୟଙ୍କର ଦୁଇଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିଲା। ତେଣୁ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଜରୁରୀ ଥିଲା। ସିନିୟର ଆଡଭୋକେଟ୍ ଥିବା ସରାଭୟ କହନ୍ତି, 'ମୁଁ ସରକାରୀ, ବେସରକାରୀ ବିଭିନ୍ନ ଡାକ୍ତରଖାନା ସହ ଡୋନର୍ ପାଇଁ ସମ୍ପର୍କ କରିଥିଲି। ହେଲେ କୌଣସି ଡୋନର୍ ମିଳି ନ ଥିଲେ। ସ୍ଥିତି ବିଗିଡିବାରେ ଲାଗିଥିଲା। ମୋର ସମୟ ସରି ସରି ଯାଉଥିଲା। ଏହି ସମୟରେ ମୋ ବଡ଼ ଭଉଣୀ ତା' ନିଜ ପରିବାରର ବାରଣସତ୍ତ୍ୱେ କିଡ୍‌ନୀ ଦେବା ପାଇଁ ଆଗେଇ ଆସିଥିଲେ। ଆଉ ତାହା ମୋ କିଡ୍‌ନୀ ସହ ମ୍ୟାଚ୍ ବି କଲା। ଶେଷରେ ସେ ତା'ର ଗୋଟିଏ କିଡ୍‌ନୀ ଦେଇ ମତେ ଦ୍ୱିତୀୟ ଜୀବନ ପ୍ରଦାନ କଲା। ଯେଉଁ ଋଣ ମୁଁ ଜୀବନରେ କେବେ ଶୁଝି ପାରିବିନି।'

ବନ୍ଦନା କହନ୍ତି,' ମୋର ମନେ ଅଛି ମୋ ଭାଇ ମତେ ଅନେକ ଅସୁବିଧା ସମୟରେ ସାହାଯ୍ୟ କରିଥିଲା। ଏମିତିକି ଆସନ୍ନ ପ୍ରସବା ଥିଲା ବେଳେ ମତେ ରୋଷେଇ କରି ଖାଇବାକୁ ଦେଉଥିଲା। ମୁଁ ମୋ ଭାଇକୁ ବହୁତ ଭଲ ପାଉଥିଲି। ଏମିତିରେ ତାକୁ କେମିତି ମୃତ୍ୟୁମୁଖକୁ ଠେଲି ଦେଇ ପାରିଥାନ୍ତି। ତେଣୁ ତାକୁ କିଡ୍‌ନୀ ଦେବାକୁ ନିଷ୍ପତ୍ତି ନେଲି। ଏବେ ସେ ସୁସ୍ଥ। ତେଣୁ ମୁଁ ବହୁତ ଖୁସି।'



## କାର୍ଟୁନ କର୍ଣ୍ଣର



# ରଞ୍ଜନଙ୍କ ୨୦୧୯-୨୦ ଯାତ୍ରା



୨୦୧୯-୨୦ ଯାତ୍ରା ସିଜନ୍ ପାଇଁ ଯାତ୍ରାନୁଷ୍ଠାନଗୁଡ଼ିକର ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ଆଉ ଯାହା ହେବ ଫିଲ୍ଡରେ (ଯାତ୍ରା ହେଉଥିବା ସ୍ଥାନରେ) ହେବ। ୨୦୧୯-୨୦ ଯାତ୍ରାବର୍ଷ ପାଇଁ ଯୁବ ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ ଦୁଇଗୋଟି ନାଟକ ପ୍ରସ୍ତୁତ କରିଛନ୍ତି। ଦୁଇଟି ଯାକ ନାଟକରେ ତାଙ୍କ ସହିତ ଅଛନ୍ତି ନାଟ୍ୟକାର ସୁକାନ୍ତ ମଲ୍ଲିକ। ଏହି ଦୁଇଗୋଟି ନାଟକ ହେଉଛି 'ବାଘାଯତୀନ ଲୋକନାଟ୍ୟ'ର 'ତମ ସିନ୍ଦୂର କୋଉ ସ୍ୱାମୀର' ଏବଂ 'ସ୍ୱର୍ଣ୍ଣମହଲ'ର 'ସାବତ ସ୍ୱାମୀ'। ଦୁଇଗୋଟି ନାଟକ ଭିନ୍ନ ସ୍ୱାଦର ନାଟକ। 'ତମ ସିନ୍ଦୂର କୋଉ ସ୍ୱାମୀର' ନାଟକଟି ଜଣେ ଉଚ୍ଚାଭିଳାଷୀ ଅଭିଆଡ଼ି ଝିଅର କାହାଣୀକୁ ନେଇ ଗତିଶୀଳ ହୋଇଥିବା ବେଳେ 'ସାବତ ସ୍ୱାମୀ' ନାଟକରେ ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କର ପରିଭାଷାକୁ ସ୍ପଷ୍ଟ କରାଯାଇଛି। ଏତଦ୍ବ୍ୟତୀତ, ପାର୍ବତୀ ଗଣନାଟ୍ୟ ପାଇଁ ରଞ୍ଜନ ଏକ ନାଟକ ପ୍ରସ୍ତୁତ କରିବେ। ତାହାକୁ ସେ ଫିଲ୍ଡରେ ପ୍ରସ୍ତୁତ କରିବେ ବୋଲି ସୂଚନା ଦେଇଛନ୍ତି ରଞ୍ଜନ। ସୂଚନାଯୋଗ୍ୟ ଯେ, ଗତ ଯାତ୍ରା ଋତୁରେ ନିର୍ଦ୍ଦେଶକ ରଞ୍ଜନ 'ଧଉଳି ଗଣନାଟ୍ୟ' ପାଇଁ 'କଳାକାହ୍ନୁ ମୋର କାଳିଆ ସୁନା', 'ତ୍ରିନାଥ ଗଣନାଟ୍ୟ' ପାଇଁ 'ମୋ ସ୍ତ୍ରୀର ଗପ ନ କହିଲେ ପାପ' ଏବଂ 'ଯାତ୍ରା ମନ୍ଦିର' ପାଇଁ 'ଅଗ୍ନି ପରୀକ୍ଷା' ଆଦି ନାଟକ ପ୍ରସ୍ତୁତ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ତାଙ୍କର ନାଟକଗୁଡ଼ିକ ଯାତ୍ରାପ୍ରେମୀଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ ବୋଲି ରଞ୍ଜନ ଆଶାବାଦୀ ।

# ସବୁଠି ନିଗମଙ୍କ ଗୀତର ଗହଳ



ଯାତ୍ରା ନାଟକରେ ଗୀତ ଲେଖିବା କଥା ଉଠିଲେ ପ୍ରଥମେ ଯାହାଙ୍କୁ ଖୋଜାପଡ଼େ ସେ ହେଉଛନ୍ତି ନିଗମ ମିଶ୍ର। ପ୍ରତ୍ୟେକ ନାଟ୍ୟକାର ଚାହାନ୍ତି ତାଙ୍କ ନାଟକରେ ନିଗମ ମିଶ୍ର ଗୀତ ଲେଖନ୍ତୁ। ପ୍ରତ୍ୟେକ ସଙ୍ଗୀତ ନିର୍ଦ୍ଦେଶକ ଚାହାନ୍ତି ତାଙ୍କୁ ନିଗମ ମିଶ୍ରଙ୍କର ଲାଇନ୍‌ଟିଏ ମିଳୁ। ଏମିତିକି ଅଧିକାଂଶ ଯାତ୍ରା ଗାୟକ ବି ଆଶା ରଖିଥାନ୍ତି ସେମାନଙ୍କୁ ନିଗମ ସାର୍‌ଙ୍କ ରଚିତ ଭଲ ଗୀତଟିଏ ବର୍ଷସାରା ଗାଇବାର ସୁଯୋଗ ମିଳୁ। ଏସବୁ ହେଉଛି ଗୀତିକାର ନିଗମ ମିଶ୍ରଙ୍କ ଦକ୍ଷତା ତଥା ଲୋକପ୍ରିୟତାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ତେବେ ନିଗମ ମିଶ୍ରଙ୍କ ଗୀତରେ ଏମିତି କ'ଣ ଥାଏ ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରେ? ଏ ପ୍ରଶ୍ନର ସିଧାସଳଖ ଉତ୍ତର ହେବ ଏଇଆ ଯେ, ଗାୟକ ମୁହଁରୁ ବାହାରୁଥିବା ନିଗମଙ୍କ ଲେଖା ଗୀତର ଲାଇନ୍ ସିଧାସଳଖ ଆସି ଶ୍ରୋତାଙ୍କ ହୃଦୟ ଭିତରେ ପଶିଯାଏ। ସେଥିପାଇଁ ନିଗମ ମିଶ୍ର ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଜଣେ ସବୁଠୁ ବ୍ୟସ୍ତ ଗୀତିକାର। ଚଳିତବର୍ଷ (ବର୍ତ୍ତମାନ ସୁଦ୍ଧା) ନିଗମଙ୍କ ହାତରେ ରହିଛି ୧୮ଟି ଯାତ୍ରା। ସେଗୁଡ଼ିକ ହେଉଛି 'ଶିବାନୀ' ଗଣନାଟ୍ୟର 'ବୋଉଲୋ ମୁଁ ବୋହୂ ହେବିନି', 'ବାହାଘର ନୁହେଁ ବାହାବଜାର' ଏବଂ 'ସବୁ ଅଧା ଅଧା ନାଁଟି ରାଧା', 'ସ୍ୱର୍ଣ୍ଣମହଲ'ର 'ସିନ୍ଦୂର ହାଟରେ ନାହିଁ ସିନ୍ଦୂର', 'ଅସତୀ ତୁଳସୀ ସତୀ ଚଉରା' ଏବଂ 'ସାବତ ସ୍ୱାମୀ', 'ସ୍ୱପ୍ନମହଲ'ର 'ବାପା ବୋଉ ତମେ ଭୁଲ କଲ', 'ବାଦ୍‌ଶାହ, ଏବଂ ପ୍ରଦୀପ ବେହେରାଙ୍କ ରଚିତ 'ଆପଣମାନେ ଖୁସି ତ'। ସେହିଭଳି ସେ ଲେଖିଥିବା ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଧଉଳି ଗଣନାଟ୍ୟ'ର 'କାଳିଦାସଙ୍କର ନୂଆ କାହାଣୀ', 'କୋଣାର୍କ'ର 'କଂସ', 'ବିଶ୍ୱ ଦରବାର'ର 'ତମ କଥା ଭାରି ମନେପଡ଼େ', 'ବାଘାଯତୀନ ଲୋକନାଟ୍ୟ'ର 'ତମ ସିନ୍ଦୂର କୋଉ ସ୍ୱାମୀର', 'ରଙ୍ଗମହଲ'ର 'ସ୍ୱାମୀ ମରିଗଲେ କାନ୍ଦିବି ନାହିଁ', 'ସୂର୍ଯ୍ୟମନ୍ଦିର'ର 'ମାୟାବିନୀ ମୌସୁମୀ' ଏବଂ 'ପାର୍ବତୀ ଗଣନାଟ୍ୟ'ର 'ସବୁଠି ବୁଲୁଛି ଶାଗୁଣା ଆଖି'। ସବୁଥର ପରି ଏଥର ବି ନିଗମଙ୍କ ଗୀତ ଓଡ଼ିଆ ଯାତ୍ରା ଜଗତରେ ଏକ ନିଆରାପଣ ଛାପ ଛାଡ଼ିଯିବ ସେକଥା ଅନସ୍ୱୀକାର୍ଯ୍ୟ।

# ମାତ୍ର ପାଞ୍ଚ ମିନିଟ

ଏମିତି କେହି ନାହିଁ ଯିଏ ସ୍ୱପ୍ନ ଦେଖେନାହିଁ। ମଣିଷ ତ ଶୋଇବା ମାତ୍ରେ ସ୍ୱପ୍ନ ଦେଖେ। ତେବେ ପଶୁପକ୍ଷୀଙ୍କ ମସ୍ତିଷ୍କରେ ମଧ୍ୟ ସ୍ୱପ୍ନର ଆଭାସ ଦେଖା ଦେଇଥାଏ। ସେମାନେ ମନେରଖିପାରନ୍ତି ନାହିଁ କିମ୍ବା ପ୍ରକାଶ କରିପାରନ୍ତି ନାହିଁ। ମାତ୍ର ମଣିଷ ତାହାକୁ ମନେ ରଖିପାରେ। ପ୍ରକାଶ କରିପାରେ। ପୁଣି ସ୍ଥଳ ବିଶେଷରେ ସ୍ୱପ୍ନର ବିଶ୍ଳେଷଣ କରି ସେଥିରୁ ଭଲମନ୍ଦ ନିରୂପଣ କରିପାରେ। ଏବେ ନିକଟରେ ସ୍ୱପ୍ନକୁ ନେଇ ଏକ କୌତୂହଳପ୍ରଦ ତଥ୍ୟ ପଦାକୁ ଆସିଛି। ଅନେକେ ଅଛନ୍ତି କହନ୍ତି ଯେ, ଆମେ କିଛି ସ୍ୱପ୍ନ ଦେଖୁନାହୁଁ। ଆମକୁ ଭଲ ନିଦ ହୋଇଯାଉଛି। ତେଣୁ ଆମ ପାଖକୁ ସ୍ୱପ୍ନ ଆସୁନାହିଁ। ସ୍ୱପ୍ନ ଉପରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭୁଲ। ସ୍ୱପ୍ନ ସମସ୍ତେ ଦେଖନ୍ତି। ଆଉ ଦେଖିବାକୁ ବି ବାଧ୍ୟ। କାରଣ ଆମର ମସ୍ତିଷ୍କ ସବୁ ବେଳେ କ୍ରିୟାଶୀଳ। ଆମେ ଶୋଇଥିବା ବେଳେ ବି ମସ୍ତିଷ୍କ ତା'ର କାର୍ଯ୍ୟ କରୁଥାଏ। ପୁଣି ମସ୍ତିଷ୍କରେ ଭିନ୍ନଭିନ୍ନ ପର୍ଯ୍ୟାୟ ରହିଛି; ଯେଉଁଠାରେ ମସ୍ତିଷ୍କ ସବୁବେଳେ କିଛି ନା କିଛି ଫାଣ୍ଟାସୀ ବା କାଳ୍ପନିକ ଚିତ୍ର ପ୍ରସ୍ତୁତ କରୁଥାଏ। ତେଣୁ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ତେବେ ମଜାର କଥା ହେଉଛି ଏଇଆ ଯେ, ୯୫ପ୍ରତିଶତରୁ ଅଧିକ ସ୍ୱପ୍ନ ମାତ୍ର ପାଞ୍ଚମିନିଟ୍ ଭିତରେ ମସ୍ତିଷ୍କରୁ ଉଭାନ ହୋଇ ଯାଇଥାନ୍ତି। ସେସବୁକୁ ସ୍ୱପ୍ନ ଦେଖୁଥିବା ଲୋକଟି ମନେ ରଖିପାରି ନ ଥାଏ। ସେଥିଲାଗି ଆମେ ବେଳେ ବେଳେ କହୁ ଯେ, ଆମେ କାଲିରାତିରେ ସ୍ୱପ୍ନ ଦେଖିନାହୁଁ।





## ବ୍ୟାକ୍ ପେଜ୍





# ସୁନା ଘୋଡ଼ା

ଖାଲି ଅଳଙ୍କାର ନୁହେଁ ସୁନାରେ ତିଆରି ସବୁ ଜିନିଷ ଲାଗେ ବେଶ୍ ଆକର୍ଷକ। ଠିକ୍ ଯେମିତି ଜାପାନରେ ତିଆରି ହୋଇଥିବା ଏକ ସୁନାର ଘୋଡା। ଉକ୍ତ ଘୋଡାଟି ସମ୍ପୂର୍ଣ୍ଣ ସତସତିକା ଘୋଡା ପରି ଲାଗେ। ଏହା ଏକ ଲାଇଫ୍ ସାଇଜ୍ ପ୍ରତିମୂର୍ତ୍ତି । ଜାପାନର ଗହଣା ବ୍ୟବସାୟୀ ତନାକା କିକିନଜୋକୁ ଏହାକୁ ତିଆରି କରିଛନ୍ତି। ବ୍ରୋଞ୍ଜ ଉପରେ ସୁନାର କୋଟ୍ ଦେଇ ନିର୍ମାଣ କରାଯାଇଥିବା ଏହି ଘୋଡାର ପ୍ରତିମୂର୍ତ୍ତିକୁ ୨୦୧୩ ଡିସେମ୍ବର ୨୬ରେ ମଧ୍ୟ ଜାପାନର ନଗୋୟାରେ ଥିବା ତନାକା କିକିନଜୋକୁଙ୍କ ଗହଣା ଦୋକାନରେ ପ୍ରଦର୍ଶିତ କରାଯାଇଥିଲା। ପରେ ଏହାକୁ ବିକ୍ରି ପାଇଁ ରଖାଗଲା। ଯାହାର ମୂଲ୍ୟ ୧୫୦,୦୦୦ ଆମେରିକୀୟ ଡଲାର ଧାର୍ଯ୍ୟ କରାଯାଇଥିଲା।








# ବ୍ୟାଟମ୍ୟାନ୍ ହୋଇ ଦେଉଛନ୍ତି ବେସାହାରା ପ୍ରାଣୀଙ୍କୁ ସାହାରା

ଫ୍ଲୋରିଡାର ୨୭ ବର୍ଷୀୟ ଭାନ୍ ଡୋର୍ନଙ୍କୁ ଛୋଟବେଳୁ କାର୍ଟୁନ୍ ଚରିତ୍ର ବ୍ୟାଟମ୍ୟାନ ବହୁତ ଭଲ ଲାଗୁଥିଲା। ବଡ଼ ହେବା ପରେ ସେ ଅରଲାଣ୍ଡୋରେ ଏକ ଆନିମଲ୍ ରେସ୍କ୍ୟୁ ସଂସ୍ଥା ସହ ଜଡିତ ହେଲେ। ନିଷ୍ପତ୍ତି ନେଲେ ବ୍ୟାଟ୍‌ମ୍ୟାନ୍ ବେଶଭୂଷାରେ ରହି ସେ ପ୍ରାଣୀଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ସୁରକ୍ଷିତ ଘର ପ୍ରଦାନ କରିବେ। କାରଣ ସେ ଭାବୁଥିଲେ ଏହି ବେଶଭୂଷାରେ କାମ କଲେ ବେସାହାରା ପ୍ରାଣୀଙ୍କ ପ୍ରତି ବହୁ ଲୋକଙ୍କ ଦୃଷ୍ଟି ପଡିବ। ଆଉ ସେମାନେ ଏହି ପ୍ରାଣୀଙ୍କୁ କୋଳେଇ ନେବାକୁ ଆଗେଇ ଆସିବେ। ଆଉ ତାହା ହିଁ ହୋଇଥିଲା। ପରେ ସେ ନିଜର ବି ଏକ ନନ୍‌ପ୍ରଫିଟ୍ ଅର୍ଗାନାଇଜେଶନ୍ ଗଢିଲେ, ଯାହାର ନାଁ ଦେଲେ 'ବ୍ୟାଟମ୍ୟାନ୍ ଫର୍ ପ'ସ୍। ଆଉ ଦେଶର ବିଭିନ୍ନ ସ୍ଥାନ ବୁଲି ବେସାହାରା ପ୍ରାଣୀଙ୍କୁ ସାହାଯ୍ୟ କରିବା ସହ ତାଙ୍କୁ ସୁରକ୍ଷିତ ରହିବା ସ୍ଥାନ ଯୋଗାଇଲେ। ତେବେ ସେ କହନ୍ତି, 'ପ୍ରକୃତରେ କହିବାକୁଗଲେ ମୁଁ ହିରୋ ନୁହେଁ। ଯେଉଁମାନେ ସେମାନଙ୍କୁ ଘର ଯୋଗାଉଛନ୍ତି ସେଇମାନେ ହିଁ ପ୍ରକୃତ ହିରୋ।'

# ଚା' ଲାଗିବ ବିୟର୍ ପରି

ସକାଳକୁ ତାଜା ଓ ସତେଜ କରେ କପେ ଚା'। ଏହା ବିନା ତ ଅନେକଙ୍କର ଦିନ ଆରମ୍ଭ ହୁଏନା। ତେବେ କାହାକୁ କେଉଁ ପ୍ରକାର ଚା' ପସନ୍ଦ ଥାଏ। ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଗ୍ରୀନ୍ ଟି, ବ୍ଲାକ୍ ଟି ପିଉଥିବା ବେଳେ ଅନ୍ୟମାନେ କ୍ଷୀର ପକା ସ୍ୱାଦିଷ୍ଟ ଚା' ପସନ୍ଦ କରନ୍ତି। ଚା'ର ଅନେକ ପ୍ରକାର ବି ରହିଛି। ତେବେ ନିକଟରେ ଏମିତି ଚା' ଆସିଛି ଯାହା ନିଶାସକ୍ତ ବ୍ୟକ୍ତିଙ୍କୁ ନିଶ୍ଚୟ ଭଲ ଲାଗିବ। କାରଣ ଏହାର ସ୍ୱାଦ ବିୟର ପରି। ହେଲେ ଏଥିରେ ଆଲକୋହଲ୍ ଆଦୌ ନାହିଁ। 'ଭିକ୍ଟୋରିଆ ବିଟର୍' ନାମକ ଅଷ୍ଟ୍ରେଲୀୟ ବିୟର କମ୍ପାନୀ ଏହାକୁ ତିଆରି କରିଛି।




